## ବିଧାୟକଙ୍କ ନୋମିନୀଙ୍କ ନାମରେ ମାମଲା

ଦେବଗଡ଼,(ଡି.ଏନ.ଏ): ଦେବଗଡ ବିଧାୟକଙ୍କ ବାରକୋଟ ବ୍ଲକ ନୋମିନୀ ଭାରତ ଭୂଷଣ ପ୍ରଧାନ ଜଣେ ପ୍ରାର୍ଥୀଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଅଭିଯୁକ୍ତ ପ୍ରଧାନ ଓ ତାଙ୍କର ଅନ୍ୟ ସହଯୋଗୀଙ୍କ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅସନ୍ତୁଷ୍ଟ ନୀରବ, ବିପଦ ସାଜିପାରେ

**ସମ୍ବଲପୁର,୧୪।୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଫେବୃୟାରୀ ୧୬ରେ ଯୁଯୁମୁରା ଓ ରେଢାଖୋଲ ବ୍ଲକରେ ଅନୁଷ୍ଠିତ ହେବ। ଏଠାରେ ସୋମବାର ସନ୍ଧ୍ୟା ୬ଟାରୁ ପ୍ରଚାର ବନ୍ଦ ହୋଇଯାଇଛି। ହେଲେ ସବୁ ଦଳର ବିଦ୍ରୋହୀ, ଅସନ୍ତୁଷ୍ଟ ଖୋଲା ବିରୋଧ ନ କରି ନୀରବ ରହିଛନ୍ତି, ଯାହା ଦଳ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଉଛି।

### ରେଙ୍ଗାଲି ନିର୍ବାଚନ ମଣ୍ଡଳୀ

ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡା ଟକ୍କର ହେବ ବୋଲି ଆଲୋଚନା ହେଉଛି। ଗତ ନିର୍ବାଚନରେ ୫ଟି ଜୋନ୍ ଭାଜପା ହାତକୁ ଯାଇଥିଲା। ହେଲେ ଏବେ ବିଜେଡି ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଭଳି ୨ ଟାଣୁଆ ମନ୍ତ୍ରୀ, ହେଭିୱେଟ୍ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ଭାଜପା ପକ୍ଷରୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ରାଜ୍ୟସ୍ତରୀୟ ନେତା ପ୍ରଚାରକୁ ଓହ୍ଲାଇଛନ୍ତି। ହେଲେ ଟିକେଟ ବଣ୍ଟନ, ଠିକା କାମ, ନେତୃତ୍ୱ ସହ ଭୁଲ ବୁଝାମଣା ଯୋଗୁ ଦଳରେ ଅସନ୍ତୁଷ୍ଟ ସଂଖ୍ୟା ଅଧିକ ରହିଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ବିଧାୟକ ହେବା ପୂର୍ବରୁ ଯେଉଁଳି ସଙ୍ଗଠନ ରହିଥିଲା ଏବେ କମି ଯାଇଛି। ଧନକଉଡା, ରେଙ୍ଗାଲି, ମାନେଶ୍ୱର ବ୍ଲକରେ ଭାଜପା ନେତାମାନେ ନିଜ ସମର୍ଥକଙ୍କୁ ସମିତି ଅଧ୍ୟକ୍ଷ ପଦରେ ବସାଇବା ପାଇଁ ପ୍ରୟାସ କରୁଛନ୍ତି। ଏହା ଜିଲା ପରିଷଦ ଭୋଟ ଉପରେ ପ୍ରଭାବ ପକାଇବ ବୋଲି ଆଲୋଚନା ହେଉଛି। ସେହିପରି ବିଜେଡିରେ ମଧ୍ୟ ଅସନ୍ତୋଷ ଲାଗିରହିଛି। ଏହାକୁ ସୁଧାରିବାକୁ ଯାଇ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଆସି ନିର୍ବାଚନୀ ପ୍ରଚାର କରୁଛନ୍ତି। କାର୍ଯ୍ୟକର୍ତ୍ତାଙ୍କୁ ଏକାଠି ହୋଇ କାମ କରିବାକୁ ପରାମର୍ଶ ଦେଉଛନ୍ତି। ବିଜେଡି ନେତାମାନେ ରେଙ୍ଗାଲି ବିଧାନସଭାର ୫ ଜୋନରେ ଦଳ କ୍ଲିନ ସୁଇପ କରିବ ବୋଲି କହୁଛନ୍ତି। ଅନ୍ୟପଟେ ଭାଜପା ମଧ୍ୟ ଗତ ନିର୍ବାଚନ ଫଳାଫଳକୁ ଦୋହରାଇବ ବୋଲି ଆଶା ରଖିଛି। ବିଧାୟକ ନାଏକ କହିଛନ୍ତି, ଗତ ନିର୍ବାଚନ ଭଳି ଜନମତ ପୁଣି ଭାଜପା ସପକ୍ଷରେ ଯିବ। ଦଳରେ କୌଣସି ମତଭେଦ ନାହିଁ। ସମର୍ଥିତ ପ୍ରାର୍ଥୀଙ୍କୁ ନେଇ କେତେକ ସ୍ଥାନରେ ସମସ୍ୟା ରହିଥିଲା। ହେଲେ ଆଲୋଚନା ପରେ ସେମାନେ ନେତୃତ୍ୱର କଥାକୁ ମାନି ନେଇଥିଲେ। ସେହିପରି ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାରେ ଅଞ୍ଚଳର ବିକାଶକୁ ନେଇ ଲୋକେ ଭୋଟ୍ ଦେବେ ବୋଲି ଆଶା କରାଯାଉଛି। ହେଲେ ସବୁଠାରୁ ବଡ କଥା ହେଲା ବିଜେଡି ଓ ଭାଜପାର ସ୍ଥାନୀୟ ନେତା ସମିତି ସଭ୍ୟ ଓ ସରପଞ୍ଚ ପଦରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଛିଡା କରାଇଛନ୍ତି। କେତେକ ସ୍ଥାନରେ ନିଜ ପରିବାର ଓ ପରିଜନ ମଧ୍ୟ ନିର୍ବାଚନ ମଇଦାନରେ ଅଛନ୍ତି। ତେଣୁ ସେମାନେ ନିଜର ବ୍ୟକ୍ତିଗତ ଭୋଟ ଉପରେ ପ୍ରଭାବ ପଡିବା ଆଶଙ୍କା କରି ଭୋଟ ପ୍ରଚାର କରୁନାହାନ୍ତି। କେବଳ ଦଳକୁ ଖୁସି କରିବା ଭଳି ଲୋକଦେଖାଣିଆ ପ୍ରଚାର କରୁଛନ୍ତି। ଏହା ଉଭୟ ଦଳ ଉପରେ ପ୍ରଭାବ ପକାଇବ ବୋଲି ଆଲୋଚନା ହେଉଛି।

## ପ୍ରଚାରକୁ ଜୋର୍‌ଦାର କଲା ଭାଜପା



ଝାରସୁଗୁଡା ବ୍ଲକ୍ ୨ନଂ ଜୋନ୍‌ରେ ଭାଜପାର ନିର୍ବାଚନୀ ପ୍ରଚାର।

**ଝାରସୁଗୁଡ଼ା ଅଫିସ,୧୪।୨**

ଝାରସୁଗୁଡ଼ା ଜିଲାର ଲଇକେରା, କିର୍ମିରା, କୋଲାବିରା ଓ ଝାରସୁଗୁଡା ବ୍ଲକ୍‌ର ୬ ଜିଲା ପରିଷଦ ଆସନ ଲାଗି ଭାଜପା ପ୍ରଚାରକୁ ଜୋରଦାର କରିଛି। ଏହାର ଦାୟିତ୍ୱ ଦଳର ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ନେଇଛନ୍ତି। ସେ ପ୍ରାର୍ଥୀଙ୍କ ସହ ଉପରୋକ୍ତ ଜୋନ୍‌ର ଗାଁକୁ ଗାଁ ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ତାଙ୍କ ସହ ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜିଲା ସଭାପତି ମଙ୍ଗଳ ସାହୁ, ବଳବିନ୍ଦର ସିଂହ, ସୋନୁ ଥିରାନୀ, ବିମଳେନ୍ଦୁ ଭୋଳ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଛନ୍ତି। ନେତୃବୃନ୍ଦ ସୋମବାର ଝାରସୁଗୁଡା ବ୍ଲକ୍ ୨ନଂ ଜୋନ୍‌ର ମଲଦା, ପତ୍ରାପାଲି, ହରେକୃଷ୍ଣପୁର ଆଦି ଗ୍ରାମରେ ଦଳୀୟ ପ୍ରାର୍ଥୀ ହେମରଞ୍ଜନ ସିଂହଙ୍କୁ ଧରି ପ୍ରଚାର ଚଳାଇଥିଲେ ।

## ସଂକ୍ଷେପରେ

### ଜିଲାପାଳ, ଏସ୍‌ପିଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ



ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଓ ଏସ୍‌ପି।

**ନାକଟିଦେଉଳ,୧୪।୨(ଡି.ଏନ.ଏ.):** ଫେବୃୟାରୀ ୧୮ରେ ନାକଟିଦେଉଳ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ପାଇଁ ସେକ୍ଟର ଅଫିସରଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଜିଲା ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧର ବ୍ଲକର ଷ୍ଟ୍ରଙ୍ଗ ରୁମ, ଭୋଟ ଗଣତି କେନ୍ଦ୍ର ବୁଲି ଦେଖିଥିଲେ। ଭୋଟ ଗ୍ରହଣ କେନ୍ଦ୍ରରେ କିପରି ସୁରୁଖୁରୁରେ ମତଦାନ ହେବ ଓ ଭୋଟ୍ ପରେ କିପରି ଭୋଟ ବାକ୍ସକୁ ସୁରକ୍ଷିତ ଭାବେ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯିବ ସେ ନେଇ ସେକ୍ଟର ଅଫିସରଙ୍କୁ ବୁଝାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରେଢାଖୋଲ ଉପଜିଲାପାଳ ପବିତ୍ର ବେହେରା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ଆଇଆଇସି ବିଭୂତିଭୂଷଣ ଦଳାଇଙ୍କ ସମେତ ନିର୍ବାଚନ ଦାୟିତ୍ୱରେ ଥିବା ସେକ୍ଟର ଅଫିସର ଉପସ୍ଥିତ ଥିଲେ।

### ଭଡ଼ାଘରେ କର୍ମଚାରୀଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା ଅଫିସ୍,୧୪।୨:** ଝାରସୁଗୁଡ଼ା ସହର ସରବହାଲର ଏକ ଭଡାଘରୁ ସୋମବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ସୋରଡା ଥାନା ନୂଆଗଡ ଗ୍ରାମର ଜଗନ୍ନାଥ ଗୌଡ(୨୬)। ମୃତକଙ୍କ ସାଙ୍ଗ ନେପୋଲିଓନ ସାମନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଝାରସୁଗୁଡା ଟାଉନ୍ ଥାନାରେ ଏକ ମାମଲା (ନଂ୧୨/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ସୂତ୍ରରୁ ପ୍ରକାଶ ଜଗନ୍ନାଥ ବେଦାନ୍ତ ପ୍ରକଳ୍ପରେ କର୍ମଚାରୀ ଭାବେ କାମ କରୁଥିବାବେଳେ ସରବହାଲରେ ଭଡାଘର ନେଇ ରହୁଥିଲେ। କୌଣସି କାରଣରୁ ସେ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି।

### ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

**ରାଉରକେଲା ଅଫିସ,୧୪।୨:** ରାଉରକେଲା ଡେଲିମାର୍କେଟ ମିଶ୍ର ଲେନ୍‌ର ଏକ ବନ୍ଦ କୋଠରୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ସୋମବାର ଜବତ କରାଯାଇଛି। ମୃତା ବୃଦ୍ଧା ହେଲେ ଦେବଦାସୀ ଭୋଜୱାନୀ(୮୫)। ଖବର ପାଇ ପ୍ଲାଣ୍ଟସାଇଟ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ମିଶ୍ର ଲେନ୍‌ରେ ଦେବଦାସୀ ନିଜ ପୁଅ ରାଜେଶଙ୍କ ସହ ରହୁଥିଲେ। ତାଙ୍କ ଝିଅ ଛତିଶଗଡ଼ରେ ବିବାହ କରିଛନ୍ତି। ରବିବାର ତାଙ୍କ ଝିଅ ରାଜେଶଙ୍କଠାରୁ ଏକ ଫୋନ କଲ ପାଇଥିଲେ। ରାଜେଶ କହିଥିଲେ, ମା'ଙ୍କ ଦେହ ଖରାପ ଏବଂ ସେ ଏକା ଘରେ ଅଛନ୍ତି। କୌଣସି କାମରେ ରାଜେଶ ବାହାରେ ଥିବା କହିଥିଲେ। ସନ୍ଦେହ ହେବାରୁ ଦେବଦାସୀଙ୍କ ଝିଅ ସୋମବାର ସକାଳେ ରାଉରକେଲାରେ ପହଞ୍ଚି ଘର ବାହାରୁ ତାଲା ବନ୍ଦ ଥିବା ଦେଖିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଘର ତାଲା ଭାଙ୍ଗିବା ପରେ ଦେବଦାସୀଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ତଦନ୍ତ ଜାରି ରଖିଛି।

### ଜିଲାପାଳଙ୍କ ନିର୍ବାଚନୀ ସମୀକ୍ଷା

**ସମ୍ବଲପୁର,୧୪।୨(ବ୍ୟୁରୋ):** ସମ୍ବଲପୁର ଜିଲାର ଯୁଯୁମୁରା ଓ ରେଢାଖୋଲ ବ୍ଲକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୬ରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ଉଭୟ ବ୍ଲକକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବିଡିଓ ସୁରଜ ବିଶ୍ୱାଳ, ତହସିଲଦାର ଅଭିଷେକ ସାହୁଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ଯୁଯୁମୁରା ହାଇସ୍କୁଲରେ ହୋଇଥିବା ଷ୍ଟ୍ରଙ୍ଗରୁମ ବୁଲି ଦେଖିବା ସହ ଯୁଯୁମୁରା ହାଇସ୍କୁଲ ପରିସରରେ ଅଧିକାରୀମାନଙ୍କୁ ତାଲିମ ଦେଇଥିଲେ। ପରେ ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ପହଞ୍ଚି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ, ପୋଲିସ ରହଣି ବ୍ୟବସ୍ଥା ନେଇ ସମୀକ୍ଷା କରିଥିଲେ।

## ପଞ୍ଚାୟତ ନିର୍ବାଚନ: ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ



ଜିଲାପାଳଙ୍କ ଅଫିସରେ ଭିଡିଓ କନ୍‌ଫରେନ୍ସିଂରେ ଅନୁଷ୍ଠିତ ବୈଠକ।

**ସମ୍ବଲପୁର,୧୪।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍ ଫେବୃୟାରୀ ୧୬ରୁ ଆରମ୍ଭ ହେବ। ନିର୍ବାଚନ ଯେଉଁଳି ସୁରୁଖୁରୁରେ ଆୟୋଜନ ହେବ ସେ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଭିଡିଓ କନ୍‌ଫରେସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପୋଲିଂ ପାର୍ଟିର ଗତିବିଧି, ଆଚରଣ ସଂହିତା, ସେକ୍ଟର ବ୍ୟବସ୍ଥା, ସମ୍ବେଦନଶୀଳ ବୁଥ୍, ମହିଳା ବୁଥ୍, ମୋବାଇଲ ପାର୍ଟି ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ଯୁଯୁମୁରା ଓ ରେଢ଼ାଖୋଲ ବ୍ଲକ, ଦ୍ୱିତୀୟ ପର୍ଯ୍ୟାୟ ୧୮ରେ ମାନେଶ୍ୱର ଓ ନାକଟିଦେଉଳ, ୨୦ ତାରିଖ ତୃତୀୟ ପର୍ଯ୍ୟାୟରେ ଜମନକିରା ଓ ରେଙ୍ଗାଲି, ୨୨ ତାରିଖ ଚତୁର୍ଥ ପର୍ଯ୍ୟାୟରେ ବାମରା ଓ ଧନକଉଡା, ପଞ୍ଚମ ତଥା ଅନ୍ତିମ ପର୍ଯ୍ୟାୟ ୨୪ ତାରିଖରେ କୁଚିଣ୍ଡା ବ୍ଲକରେ ମତଦାନ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍.ପି. ବି. ଗଙ୍ଗାଧର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅଜମ୍ବର ମହାନ୍ତି, ସାଧାରଣ ପର୍ଯ୍ୟବେକ୍ଷକ ସୁଶାନ୍ତ କୁମାର ଦାସ, ପିଡି ଡିଆରଡିଏ ଦିଲୀପ କୁମାର ବଳ, ମହାନଗର ନିଗମ କମିଶନର ପ୍ରଦୀପ ସାହୁ, ସମସ୍ତ ଉପଜିଲାପାଳ, ସମସ୍ତ ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଆଇଆଇସି, ବିଡିଓ, ତହସିଲଦାର ଯୋଡି ହୋଇଥିଲେ।

## ବନ ବିଭାଗ କ୍ୱାର୍ଟର୍ସ ନିର୍ମାଣରେ ଅନିୟମିତତା ଅଭିଯୋଗ

**ଜମନକିରା, ୧୪।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ କ୍ୱାର୍ଟର୍ସ ନିର୍ମାଣରେ ଅନିୟମିତତା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ ଭୋଜପୁର ରେଞ୍ଜ ଜମନକିରା ଫରେଷ୍ଟ ସେକ୍ସନର ଫୁଲକୁସମଠାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଫରେଷ୍ଟ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି। ଟେଣ୍ଡର ଜରିଆରେ ଜଣେ ଠିକାଦାର ଗତମାସରୁ କାମ ଆରମ୍ଭ କରିଛନ୍ତି। ନିୟମ ଅନୁଯାୟୀ କଲମ ଗୁଡ଼ିକରେ ୧୬ ମି.ମି.ର ୪ଟି କିମ୍ବା ୧୨ ମି.ମି.ର ୬ ଗୋଟି ଛଡ଼ ରହିବା କଥା। ମାତ୍ର ଏଠାରେ ୧୦ ମି.ମି.ର ୪ଟି ଛଡ଼ ଦିଆଯାଇ କଲମ କରାଯାଇଛି। ଗୃହ ନିର୍ମାଣରେ ସରକାରଙ୍କ ସ୍ୱିକୃତିପ୍ରାପ୍ତ ସିମେଣ୍ଟ ବଦଳରେ କମ୍ ଦରର ସିମେଣ୍ଟ ବ୍ୟବହାର କରାଯାଉଛି। ଠିକ୍ ପରିମାଣର ବାଲି, ଗୋଡ଼ି ଓ ସିମେଣ୍ଟ ମିଶ୍ରଣ କରାଯାଉ ନାହିଁ। ଗୃହ ମଧ୍ୟ ଭାଗରେ ବାଲି ଭର୍ତ୍ତି କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ମାଟି ଭର୍ତ୍ତି କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବିଟ୍ ଅଞ୍ଚଳର ଲୋକେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଭୋଜପୁର ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ କରାଯାଇ କାମ ସୁଧାରିବା ପାଇଁ କୁହାଯାଇଛି। ଯଦି କାମରେ କିଛି ଖିଲାପି କରାଯାଇଥାଏ ତା'ହେଲେ ବିଲ୍ ପାସ କରାଯିବ ନାହିଁ।



ନିର୍ମାଣାଧୀନ କ୍ୱାର୍ଟର୍ସ।

## ନିଶାସକ୍ତ ଅବସ୍ଥାରେ ପାଣିରେ ବୁଡ଼ି ମୃତ

**ସମ୍ବଲପୁର,୧୪।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ସିତଲେନ ପାଲି ଗ୍ରାମର ଜଣେ ବ୍ୟକ୍ତି ସୋମବାର ନିଶାସକ୍ତ ଅବସ୍ଥାରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଜିତା ଓରାମ (୬୦)। ଖବର ଲେଖାହେବା ପର୍ଯ୍ୟନ୍ତ ଗ୍ରାମ ନିକଟ ପୋଖରୀରେ ତାଙ୍କ ମୃତଦେହ ଭାସୁଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଜିତା ଅପରାହ୍ନ ସମୟରେ ଘରୁ ବାହାରିଥିଲେ। ଗ୍ରାମ ନିକଟରେ ଜଣେ ସରପଞ୍ଚ ପ୍ରାର୍ଥୀ ଭୋଜି ଓ ମଦ ପିଇବାକୁ ଦେଉଥିଲେ। ଜିତା ମଧ୍ୟ ସେଥିରେ ଯୋଗ ଦେଇଥିଲେ। ହେଲେ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରବର୍ଗ ଖୋଜାଖୋଜି କରି ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ପରେ ସେମାନେ ପୋଲିସକୁ ଖବର ଦେଇଥିଲେ।

## ବିଧବାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ଲହୁଣୀପଡ଼ା,୧୪।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଫକୀରମୁଣ୍ଡା ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ଏକୁଟିଆର ସୁଯୋଗ ନେଇ ବିମଳାଗଡ଼ ବସ୍ତିର ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ଟିଙ୍କି ପାତ୍ର(୩୭)ଙ୍କୁ ଗିରଫ କରିଛି। ବିଧବା ଶନିବାର ଘରେ ଏକୁଟିଆ ଥିଲେ। ଟିଙ୍କି ଘରେ ପଶି ବଳାତ୍କାର କରିଥିଲେ। ମହିଳା ପାଟି କରିବାରୁ ଟିଙ୍କି ସେଠାରୁ ଫେରାର୍ ହୋଇଯାଇଥିଲେ। ମହିଳା ଜଣଙ୍କ ରବିବାର କେ. ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ସୁନ୍ଦରଗଡ଼,୧୪।୨(ଡି.ଏନ.ଏ.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ନଗର ଶାଖା ତରଫରୁ ସୋମବାର ସ୍ଥାନୀୟ ଡିଆରଡିଏ ଛକଠାରେ ୨୦୧୯ରେ ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସହ ସମ୍ପାଦକ ବିଜୟ କଳତା ଉପସ୍ଥିତ ରହି ଶହୀଦ ଯବାନମାନଙ୍କ ବଳିଦାନକୁ ଉପସ୍ଥାପନା କରିଥିଲେ। ନଗର ସଭାପତି ସୁମିତ ନାଏକ, ଜିଲା ସଂଯୋଜକ ଗୋପାଳ ନାଏକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନଗର ସମ୍ପାଦକ ବାପୁନ ପଶାୟତ, ସହ ସମ୍ପାଦକ ପଲ୍ଲବ କ୍ରିଷ୍ଟା ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୁରୁ ପ୍ରସାଦ ଧାରୁଆ, ବୃନ୍ଦାବନ ମହାନନ୍ଦିଆ, ସୁବ୍ରତ ଜେନା, ସୁରଜ ସା, ତିରଜ ରାଜନାଏକ, ରାହୁଲ ଚିନହାରା, ଆଶୁତୋଷ ପଟେଲ, କାହ୍ନା ମେହେର, ଜଗନ୍ନାଥ ନାଏକ, ରାହୁଲ ତାଜନ, ସୌରପ ପଟେଲ ଉପସ୍ଥିତ ଥିଲେ।





ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

## ସ୍ୱିଟ୍ ଲାଇଫ୍ କେୟାରରେ ଶହୀଦ ଦିବସ

**ରାଉରକେଲା, ୧୪।୨**

ରାଉରକେଲାର ସ୍ୱିଟ୍ ଲାଇଫ୍ ଡାଇବେଟିକ୍ କେୟାର ଓ ଗବେଷଣା ପ୍ରତିଷ୍ଠାନ ପରିସରରେ ସୋମବାର ଶହୀଦ ଦିବସ ଓ ଭାଲେଣ୍ଟାଇନ୍ ଡେ' କୋଭିଡ୍ ନିୟମ ଅନୁଯାୟୀ ପାଳିତ ହୋଇଛି। ଏହି ଅବସରରେ ୩ ବର୍ଷ ତଳେ ପୁଲୱାମାଠାରେ ଶହୀଦ ହୋଇଥିବା ୪୦ ଜଣ ଯବାନଙ୍କ ସ୍ମୃତିରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଭାଲେଣ୍ଟାଇନ୍ ଡେ' ପାଳନ କରାଯାଇ ପରସ୍ପର ପ୍ରତି ଭାଲେଣ୍ଟାଇନ୍ ଦିବସର ଭାବର ଆଦାନ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ଡାକ୍ତର ପ୍ରଫେସର ଏ. ନାୟକ ଯୋଗଦାନ କରି କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆମେ ସମସ୍ତେ ଭାରତୀୟ। ତେଣୁ ଭାରତକୁ ଭଲପାଇବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ସମସ୍ତେ ପ୍ରଥମେ ସୁସ୍ଥ ରହିବା ନିମନ୍ତେ ନିଜକୁ ଭଲ ପାଇବା ଉଚିତ୍। ଏଥିସହ ଯଥାସମ୍ଭବ ନିଜ ଶରୀରର ଯତ୍ନ ନେବା ଉଚିତ୍। ଏହା ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଦୀପୁ ବାରିକ, ସୁନୀଲ ଦାସ, ତପନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ପୁଲୱାମା ଶହୀଦଙ୍କ ସ୍ମୃତିଚାରଣ କରାଯାଉଛି।

## କଂଗ୍ରେସର ପ୍ରଚାର

**ସୁନ୍ଦରଗଡ଼,୧୪।୨(ଡି.ଏନ.ଏ.)**

ସବ୍‌ଡେଗା ବ୍ଲକ 'କ' ଜୋନରେ ଜିଲା କଂଗ୍ରେସ ପକ୍ଷରୁ ଦଳୀୟ ପ୍ରାର୍ଥୀ ଦିଲୀପ ଟେଟେଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯାଇଛି। ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ତାଳଡିପାଠାରେ ସୋମବାର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାର୍ଥୀ ଦିଲୀପ ଟେଟେ ଜନସାଧାରଣଙ୍କୁ ଭୋଟ ପାଇଁ ଅନୁରୋଧ କରିଥିଲେ। ଉକ୍ତ ସଭାରେ ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ସମେତ ଦଳର ବରିଷ୍ଠ ନେତା ଉପସ୍ଥିତ ଥିଲେ।

## କମ୍ପାନୀ କର୍ମଚାରୀ – ଗ୍ରାମବାସୀ ମୁହାଁମୁହିଁ

**କୁତ୍ରା, ୧୪।୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡାହିଜିରା ବାନ୍ସପଡାଠାରେ ସୋମବାର ଅପରାହ୍ନ ୨ଟାରେ ତେଲିଘନାସ୍ଥିତ ଜେଏସ୍‌ଡବ୍ଲ୍ୟୁ କାରଖାନା କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ କିଛି ସମୟ ପାଇଁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। କମ୍ପାନୀ କର୍ମଚାରୀମାନେ ବାନ୍ସପଡ଼ାଠାରେ କିଛି ଜମି ଦେଖିବା ପାଇଁ ଯାଇଥିଲେ। ସେତେବେଳେ ଗ୍ରାମବାସୀ ଦେଖି ଉତ୍ତ୍ୟକ୍ତ ହୋଇ କଣ ପାଇଁ ଆମ ଜମି ଦେଖୁଛ,କାହା ଅନୁମତିରେ ଆସିଛ ଏମିତି ଗୁଡ଼ାଏ ପ୍ରଶ୍ନ କରିଥିଲେ। ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କାରଖାନା କର୍ମଚାରୀଙ୍କୁ ପ୍ରାୟ ୨ ଘଣ୍ଟା ଧରି ଅଟକ ରଖିଥିଲେ। ଶେଷରେ ଆଲୋଚନା ପରେ ଗ୍ରାମବାସୀ କର୍ମଚାରୀଙ୍କୁ ଛାଡିବା ସହିତ ପରିସ୍ଥିତି ସୁଧାର ଆସିଥିଲା। ଏଥିରେ ଯୁବ ସମାଜସେବୀ ତଥା କୁତ୍ରା ଗ୍ରାମ ପଞ୍ଚାୟତ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ଭୁବନ କୁଜୁର, ଫିରୋଜ ଡୁଙ୍ଗଡୁଙ୍ଗ ପ୍ରମୁଖ ପରିସ୍ଥିତି ସୁଧାର ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ବସାଇଲ ପଞ୍ଚାୟତରେ ଜମୁଛି ପ୍ରଚାର



ପ୍ରାର୍ଥିନୀ ପ୍ରଭାସିନୀ କିଷାନ ନିଜର ସମର୍ଥକଙ୍କ ସହ ଘରକୁ ଘର ବୁଲୁଛନ୍ତି।

**ଦେବଗଡ଼,୧୪।୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଇଲ ପଞ୍ଚାୟତରେ ପ୍ରଚାର ଜମୁଛି। ଏଠାରେ ୧୮ ତାରିଖରେ ଭୋଟଗ୍ରହଣ ହେବାକୁ ଥିବାବେଳେ ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି। ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ପଞ୍ଚାୟତର ବିଭିନ୍ନ ଉନ୍ନତିକର କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ଏହି ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥିନୀ ପ୍ରଭାସିନୀ କିଷାନ ନିଜର ସମର୍ଥକଙ୍କ ସହ ଘରକୁ ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି। ସେ ଏକ ସମୃଦ୍ଧ, ସଶକ୍ତ ଓ ଆଦର୍ଶ ପଞ୍ଚାୟତ ଗଢିବାକୁ ସଂକଳ୍ପବଦ୍ଧ ବୋଲି କହୁଛନ୍ତି।

# ଅନ୍ତିମ ଦିବସରେ ଜୋର ଧରିଲା ନିର୍ବାଚନୀ ପ୍ରଚାର

**ଦେବଗଡ଼/ରିଆମାଳ, ୧୪।୨(ଡି.ଏନ.ଏ)**

### ରିଆମାଳ ବ୍ଲକ: ମତଦାନ କରିବେ ୧ ଲକ୍ଷ ୨୨ ହଜାର ୯୧୯ ଜଣ ଭୋଟର

ଆଗାମୀ ୧୬ ତାରିଖ ଦେବଗଡ ଜିଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ସୋମବାର ପ୍ରଚାର ଶେଷ ହୋଇଛି। ଅନ୍ତିମ ଦିବସରେ ୱାର୍ଡସଭ୍ୟଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲା ପରିଷଦ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ମଇଦାନରେ ପ୍ରଚାରକୁ ଜୋରଦାର କରିବା ସହ ଭୋଟରଙ୍କ ନିକଟତର ହେବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳିଥିଲା । ପ୍ରାର୍ଥୀ ପ୍ରାର୍ଥିନୀମାନେ ପ୍ରତିଶ୍ରୁତି ଓ ବିକାଶର ବାର୍ତ୍ତା ଦେଇ ଭୋଟରଙ୍କ ଭୋଟ ହାତେଇବାକୁ ଚେଷ୍ଟା କରୁଥିବା ପରିଲକ୍ଷିତ ହୋଇଛି। ଆସନ୍ତା ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ରିଆମାଳ ବ୍ଲକର ୨ଟି ଜିଲା ପରିଷଦ ଜୋନ ଓ ୨୬ ପଞ୍ଚାୟତରେ ନିର୍ବାଚନ ଅନୁଷ୍ଠିତ ହେବ। ଉକ୍ତ ବ୍ଲକର ୧୩୯ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦରେ ବିଜୟ ଲାଭ କରିଥିବାବେଳେ ୧୭୩ ୱାର୍ଡ ସଭ୍ୟ ଆସନ ପାଇଁ ୪୦୫ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀ ନିର୍ବାଚନ ଲଢୁଛନ୍ତି। ସେହିପରି ୨ଜଣ ସରପଞ୍ଚ ଅପ୍ରତିଦ୍ୱନ୍ଦୀ ଭାବରେ ବିଜୟ ଲାଭ କରିଥିବା ବେଳେ ୨୪ଟି ସରପଞ୍ଚ ଆସନ ପାଇଁ ୮୭ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀ ନିର୍ବାଚନ ଲଢୁଥିବା ଜଣାପଡିଛି। ଏଥିସହ ୨୬ଟି ସମିତି ସଭ୍ୟ ଆସନ ପାଇଁ ୮୦ ପ୍ରାର୍ଥୀ ଓ ପ୍ରାର୍ଥିନୀ ନିର୍ବାଚନ ଦୌଡରେ ସାମିଲ ଥିବା ସୂଚନା ମିଳିଛି। ଉଭୟ ଜିଲା ପରିଷଦ ଆସନ ପାଇଁ ପ୍ରମୁଖ ୩ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳର ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ରହିଛି । ସୋମବାର ସନ୍ଧ୍ୟାରୁ ନିର୍ବାଚନୀ ପ୍ରଚାର ଉପରେ ବ୍ରେକ ଲାଗିଥିବାରୁ ଆଉ କୌଣସି ପ୍ରାର୍ଥୀ ନିର୍ବାଚନୀ ଚିହ୍ନରେ ପ୍ରଚାର କରି ପାରିବେ ନାହିଁ ବୋଲି ଜଣାପଡିଛି। ଫଳରେ ନିର୍ବାଚନୀ ପ୍ରଚାର ପାଇଁ ଶେଷ ଦିନରେ ସାହିରେ ସାହିରେ ନେତାଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ନିଜ ନିର୍ବାଚନୀ ଚିହ୍ନ ପାଇଁ ପ୍ରଚାର ପ୍ରସାରକୁ ଜୋରଦାର କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ,ପ୍ରଥମ ପର୍ଯ୍ୟାୟରେ ରିଆମାଳ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ମୋଟ ୧ ଲକ୍ଷ ୨୨ ହଜାର ୯୧୯ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

**ସଂକ୍ଷେପରେ**

## ଭାଲେଣ୍ଟାଇନ୍ସ ଡେ'ରେ ରକ୍ତଦାନ



**ସୋନପୁର,୧୪।୨(ନି.ପ୍ର.):** ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ । ଏହି ଦିବସକୁ ଯୁବଗୋଷ୍ଠୀ ମନଭରି ଉପଭୋଗ କରିଥିଲେ। ଚକୋଲେଟ୍ ଦୋକାନ, ଫୁଲ ଦୋକାନ ଓ ଗିଫ୍ଟ କର୍ଣ୍ଣରରେ ପ୍ରେମୀ ଯୁଗଳଙ୍କ ବେଶ ଭିଡ ଜମିଥିଲା। ତେବେ ସୋନପୁର ବୁଢାରାଜା ଯୁବକ ସଂଘ ଓ ପଶ୍ଚିମ ଓଡିଶା ଯୁବାମଞ୍ଚର କର୍ମକର୍ତ୍ତାମାନେ ମାତୃ ଶକ୍ତିକୁ ସମ୍ମାନ ଜଣାଇ ଏହି ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଦିବସକୁ ସ୍ମରଣୀୟ ରଖିବା ପାଇଁ ସୋମବାର ଦଶମ ବାର୍ଷିକୀ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ସୋନପୁର ଓ ବୀରମହାରାଜପୁର ମୈତ୍ରୀ ସଦନରେ ଆୟୋଜିତ ଶିବିରରେ ମୋଟ ୮୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୋନପୁର ବୁଢାରାଜା ଛକ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁର୍ଲା ଭୀମସାର୍‌ର ଆସିଷ୍ଟାଣ୍ଟ ପ୍ରଫେସର ତଥା ସମାଜସେବୀ ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାନ, ଜୀବନ ଦାନ ବୋଲି କହିବା ସହ ଯୁବ ବର୍ଗଙ୍କର ଏଭଳି ସମାଜସେବା ମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଅଧ୍ୟାପକ ଉମାକାନ୍ତ ନାଗ ଓ ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବୁଢାରାଜା ଯୁବ ସମାଜସେବୀ ସଂଗଠନ ପକ୍ଷରୁ ସୁବର୍ଣ୍ଣପୁର ସହରବାସୀଙ୍କ ପାଇଁ ଏକ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଥିଲା। ସହର ମଧରେ ଦୁର୍ଘଟଣାରେ ଆହତ ବ୍ୟକ୍ତି ଓ ୧୫ଟି ୱାର୍ଡର ଅସୁସ୍ଥ ବ୍ୟକ୍ତିଙ୍କୁ ନିଶୁଳ୍କ ଆମ୍ବୁଲାନ୍ସ ସେବା ପ୍ରଦାନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଡାକ୍ତର ରାମଚନ୍ଦାନୀ ଏହି ଆମ୍ବୁଲାନ୍ସ ସେବାର ଉଦ୍‌ଘାଟନ କରିଥିଲେ । ସଂଗଠନର ସଭାପତି ଶିବ ଶଙ୍କର ନାଏକ, ସମ୍ପାଦକ ତାପସ କୁମାର ବେଉରିଆ, ପଶ୍ଚିମ ଓଡିଶା ଯୁବା ମଞ୍ଚର ଆକାଶ ଶତପଥୀ, ଚିତ୍ତରଞ୍ଜନ ଭୋଇ, ବଳରାମ ସା, ସୂର୍ଯ୍ୟକାନ୍ତ ନାଏକ, ଅରବିନ୍ଦ ଝା, ଜଗା ସେଠୀ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଉତ୍ତରାଧିକାରୀ ପ୍ରମାଣପତ୍ର ମିଳିବାରେ ବିଳମ୍ବ

**ଲୋଇସିଂହା,୧୪।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ତହସିଲରୁ ଉତ୍ତରାଧିକାରୀ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି। ଏହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗଲପୁର ବ୍ଲକ ସାଲେଭଟା ଗ୍ରାମର ଗୌରହରି ପଟେଲ। ଗୌରଙ୍କ ବାପା ଏବଂ ଅଜାଙ୍କ ମୃତ୍ୟୁ ଘଟିଛି। ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଗୌର ୨୦୨୧ ନଭେମ୍ବରରେ ଅନଲାଇନରେ ଆବେଦନ କରିଥିଲେ। ଆବେଦନ ସମୟରେ ଦିଆଯାଇଥିବା ପ୍ରମାଣ ପତ୍ରରେ ୨୦୨୧ ଡିସେମ୍ବର ୩୦ରେ ପ୍ରାମଣପତ୍ର ମିଳିବ ବୋଲି ଦର୍ଶଯାଇଛି । ଇତିମଧରେ ଅଢେଇ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରମାଣପତ୍ର ମିଳି ନ ଥିବା ଗୌରହରି ଅଭିଯୋଗ କରିଛନ୍ତି। ଗୌରହରିଙ୍କ ପରି ଅନେକ ଆବେଦନକାରୀଙ୍କୁ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି।

# ଦିନକ ପରେ ମତଦାନ, ପ୍ରସ୍ତୁତି ଚୂଡ଼ାନ୍ତ

**ବରଗଡ଼ ଅଫିସ୍,୧୪।୨**



ଖବରଦାତା ସମ୍ମିଳନୀରେ ଅଧିକାରୀମାନେ ସୂଚନା ଦେଉଛନ୍ତି ।

ବରଗଡ଼ ଜିଲାରେ ୫ଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ହେବ। ବୁଧବାରଠାରୁ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏହାପୂର୍ବରୁ ସୋମବାର ଜିଲା ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା । ସମ୍ମିଳନୀରେ ଡିଆର୍‌ଡିଏ ପିଡି କୃତିବାସ ରାଉତ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ରହି ନିର୍ବାଚନ ଉପରେ ବିସ୍ତୃତ ସୂଚନା ଦେଇଥିଲେ ।

ଜିଲା ପଞ୍ଚାୟତ ଅଧିକାରୀ ହୋତା କହିଥିଲେ, ଆସନ୍ତା ୧୬ତାରିଖରେ ଜିଲାର ଅମ୍ବାଭୋନା, ଭଟଲି, ଝାରବନ୍ଧ ଏବଂ ପାଇକମାଳ ବ୍ଲକରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏହି ପର୍ଯ୍ୟାୟ ଭୋଟ୍‌ରେ ଉକ୍ତ ବ୍ଲକ ଅଧୀନ ୬୭ଟି ପଞ୍ଚାୟତର ୮୬୯ କେନ୍ଦ୍ରରେ ୨ଲକ୍ଷ ୭୨ହଜାର ୧୩୨ଭୋଟର ମତଦାନ କରିବେ। ଏହି ବ୍ଲକ ଗୁଡ଼ିକର ୧୫୮ଟି ଭୋଟଗ୍ରହଣ କେନ୍ଦ୍ର ସମ୍ବେଦନଶୀଳ, ୮ଟି ପିଙ୍କ୍ ବୁଥ୍ ଏବଂ ୪ଟି ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ ୧୧୦୨ ୱାର୍ଡ଼ସଭ୍ୟ, ୨୯୧ ସରପଞ୍ଚ, ୧୭୯ ସମିତି ସଭ୍ୟ ଏବଂ ୨୭ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ସେହିପରି ୧୮ତାରିଖରେ ଅତାବିରା, ଗାଇସିଲେଟ, ରାଜବୋଡ଼ାସମ୍ବର ବ୍ଲକର ୬୫ ପଞ୍ଚାୟତର ୭୭୮ଭୋଟ୍ ଗ୍ରହଣ କେନ୍ଦ୍ରରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଏହି ବ୍ଲକଗୁଡିକରେ ୧୩୮ ସମ୍ବେଦନଶୀଳ, ୬ ପିଙ୍କ୍ ଏବଂ ୩ ଆଦର୍ଶ ବୁଥ୍ ରହିଛି। ଉକ୍ତ ବ୍ଲକ ଗୁଡ଼ିକରେ ୨ଲକ୍ଷ ୭୫ହଜାର ୩୮୩ଭୋଟର ଥିବାବେଳେ ୧୦୯୩ ୱାର୍ଡସଭ୍ୟ, ୩୧୭ ସରପଞ୍ଚ, ୨୨୧ ସମିତି ସଭ୍ୟ ଏବଂ ୨୯ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି ।

ଆସନ୍ତା ୨୦ତାରିଖରେ ବରପାଲି, ବିଜେପୁର, ଭେଡ଼େନ ବ୍ଲକରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ। ମୋଟ୍ ୮୬ ପଞ୍ଚାୟତର ୮୭୭ ଭୋଟ ଗ୍ରହଣ କେନ୍ଦ୍ରରେ ୨ଲକ୍ଷ ୬୦ହଜାର ୬୨୭ଜଣ ମତଦାନ କରିବେ। ଏହିସବୁ ବ୍ଲକରେ ୧୩୧ ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ସେହିପରି ୬ଟି ପିଙ୍କ୍ ବୁଥ୍ ଏବଂ ୩ଟି ଆଦର୍ଶ ବୁଥ୍ ରହିଛି। ଉକ୍ତ ବ୍ଲକ ଗୁଡ଼ିକରେ ୧୨୬୫ ୱାର୍ଡସଭ୍ୟ, ୩୦୦ ସରପଞ୍ଚ, ୨୨୧ସମିତି ସଭ୍ୟ ଏବଂ ୩୧ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ସେହିପରି ୨୨ତାରିଖରେ ସୋହେଲା ବ୍ଲକର ୨୭ ପଞ୍ଚାୟତର ୩୮୬ ଭୋଟ ଗ୍ରହଣ କେନ୍ଦ୍ରରେ ୧ଲକ୍ଷ ୫ହଜାର ୭୨୮ଭୋଟର ମତଦାନ କରିବେ। ଏଠାରେ ୫୮ ସମ୍ବେଦନଶୀଳ, ୨ପିଙ୍କ୍ ଏବଂ ଗୋଟିଏ ଆଦର୍ଶ ବୁଥ୍ ରହିଛି। ଏଠାରେ ୪୨୭ ୱାର୍ଡସଭ୍ୟ, ୯୭ ସରପଞ୍ଚ, ୩୮ ସମିତି ସଭ୍ୟ ଏବଂ ୧୦ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଏହାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ୨୪ତାରିଖ ଶେଷ ପର୍ଯ୍ୟାୟରେ ବରଗଡ଼ ବ୍ଲକର ୨୭ ପଞ୍ଚାୟତର ୩୬୧ ଭୋଟଗ୍ରହଣ କେନ୍ଦ୍ରରେ ୧ଲକ୍ଷ ୨୬ହଜାର ୯୯୭ ଭୋଟର ମତଦାନ ହେବ। ଏହି ବ୍ଲକରେ ୫୨ ସମ୍ବେଦନଶୀଳ, ୨ପିଙ୍କ୍, ଗୋଟିଏ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଉକ୍ତ ଦିନ ୫୨୭ ୱାର୍ଡ଼ସଭ୍ୟ, ୧୪୧ ସରପଞ୍ଚ, ୯୬ ସମିତିସଭ୍ୟ ଏବଂ ୧୯ ଜିଲା ପରିଷଦ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିବେ ବୋଲି ସୂଚନା ଦିଆଯାଇଛି।

## ଚାକିରି ନାଁରେ ୪ ଲକ୍ଷ ଠକେଇ ଅଭିଯୋଗ

**ବାଉଁଶୁଣୀ, ୧୪।୨(ଡି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଗୋଛପଡା ଗ୍ରାମ ପଞ୍ଚାୟତ ମଙ୍ଗଳାମୁଣ୍ଡା ଗ୍ରାମର ବିଦ୍ୟାଧର ମେହେର ନାମକ ଜଣେ ଯୁବକ ଠକେଇର ଶିକାର ହୋଇଛନ୍ତି। ତାଙ୍କ ଭଉଣୀଙ୍କ ଚାକିରୀ କରାଇଦେବା ଆଳରେ ଭୁବନେଶ୍ୱରର ଜଣେ ବ୍ୟକ୍ତି ୪ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି।

ଗତ ମାର୍ଚ୍ଚରେ ବିଦ୍ୟାଧରଙ୍କୁ ଭୁବନେଶ୍ୱରର ବିଧୁ ପ୍ରକାଶ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଫୋନ କରି ତାଙ୍କ ଭଉଣୀଙ୍କୁ ଷ୍ଟାଫ୍ ନର୍ସ ଚାକିରୀ କରାଇ ଦେବାର ପ୍ରଲୋଭନ ଦେଖାଇ ୬ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ବିଦ୍ୟାଧର ତାଙ୍କ କଥାରେ ବିଶ୍ୱାସ କରି ତାଙ୍କ କଥା ଅନୁଯାୟୀ ଫୋନ ପେ ନଂ. ରେ ୪ଲକ୍ଷ ଟଙ୍କା ଦେଇଥିଲେ। ମାତ୍ର ଟଙ୍କା ପାଇବା ପରେ ବିଭିନ୍ନ ଆଳ ଦେଖାଇ ସେ ଚାକିରୀ ଦେବାର ସମୟ ଟାଳି ଆସୁଥିବା ବେଳେ ଗତ ୨ମାସ ହେଲା ସେ ଆଉ ତାଙ୍କ ଫୋନ ରିସିଭ କରୁନାହାନ୍ତି। ମ୍ୟାସେଜ କଲେ କୌଣସି ଉତ୍ତର ନ ଦେବାରୁ ତାଙ୍କୁ ଠକେଇ କରିଥିବା ନିଶ୍ଚିତ ହୋଇ ବିଦ୍ୟାଧର ଏ ସମ୍ପର୍କରେ ବାଉଁଶୁଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବାଉଁଶୁଣୀ ପୋଲିସ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ନିର୍ବାଚନୀ ପ୍ରଚାର ବ୍ୟାନର ହଟାଇଲା ପ୍ରଶାସନ

**ବାଉଁଶୁଣୀ, ୧୪।୨(ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ଲଗା ଯାଇଥିବା ନିର୍ବାଚନୀ ପ୍ରଚାର ବ୍ୟାନରଗୁଡିକ ପ୍ରଶାସନ ପକ୍ଷରୁ ସୋମବାର ପୁଣି ହଟାଇ ଦିଆଯାଇଛି। ଗତ ସପ୍ତାହରେ ମଧ ପୋଷ୍ଟର ଚିରା ଯାଇଥିବା ବେଳେ ପୁଣି ସେହି ସ୍ଥାନରେ ପ୍ରାର୍ଥୀମାନେ ଆଉ ଥରେ ଲଗାଇଥିବା ଦେଖିବାକୁ ମିଳିଥିଲା। ବୌଦ୍ଧ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନାଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ଓ ବାଉଁଶୁଣୀ ପୋଲିସର ସହାୟତାରେ ସବୁ ପୋଷ୍ଟର ହଟାଯାଇଥିଲା।



ସର୍ବସାଧାରଣ ସ୍ଥାନରୁ ବ୍ୟାନରଗୁଡିକ ହଟାଯାଉଛି।

## ଅସାଧୁ ଧାନ ବେପାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଅମରପାଲି, ୧୪।୨ (ଡି.ଏନ.ଏ)**

**ମଣ୍ଡିରେ ପ୍ରକୃତ ଚାଷୀଙ୍କ ଧାନ ବିକ୍ରି ଉପରେ ଗୁରୁତ୍ୱ**

ଜିଲାର କୃଷକମାନଙ୍କ ହିତ ଦୃଷ୍ଟିରୁ ସମସ୍ତ ମଣ୍ଡିରେ ସୁବିଧାରେ ଧାନ କ୍ରୟ ବିକ୍ରୟ କରିବା ପ୍ରକ୍ରିୟା ତଦାରଖ କରିବା ପାଇଁ ଜିଲାପାଳ ଅବୋଲି ସୁନୀଲ ନରୱଣେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହ ଅସାଧୁ ବେପାରୀଙ୍କ ଜରିଆରେ ନିମ୍ନମାନର ଧାନ ଆସୁଥିବା ଅଭିଯୋଗ ଉପରେ ଜିଲାପାଳ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସତର୍କ କରିଛନ୍ତି। ବୀରମହାରାଜପୁର ତହସିଲ ଅନ୍ତର୍ଗତ ଉଫୁଲା ପ୍ୟାକ୍ସରେ ଅସାଧୁ ବ୍ୟବସାୟିଙ୍କ ଦ୍ୱାରା ଜମା ହେଉଥିବା ନିମ୍ନମାନର ଧାନ ଏବଂ ପ୍ରକୃତ ଚାଷୀ ଧାନ ବିକ୍ରି କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଉପରେ ଏକାଧିକ ଅଭିଯୋଗ ଆସିବାପରେ ଜିଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ଜମା ଥିବା ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି ବୀରମହାରାଜପୁର ଏବଂ ଏଆରସିଏସଙ୍କ ଅଧୀନରେ ଏକ ସ୍ୱତନ୍ତ୍ର ଦଳ ଉଫୁଲା ମଣ୍ଡିରେ ପହଞ୍ଚିଥିଲା। ନିର୍ଦ୍ଧାରିତ ମାନ ନ ଥିବା ଧାନ ସବୁ କେଉଁ ପରିସ୍ଥିତିରେ ଏଠାରେ ଜମା ହୋଇ ରହିଛି ତାର କୈଫିୟତ ଉଫୁଲା ସମ୍ପାଦକଙ୍କୁ ମାଗିବା ପାଇଁ ଜିଲାପାଳ ଏଆରସିଏସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଫୁଲା ପ୍ୟାକ୍ସ ସହିତ ବୀରମହାରାଜପୁରର ସମସ୍ତ ମଣ୍ଡି ଉପରେ ତୀକ୍ଷ୍ଣ ନଜର ରଖି ଯେଭଳି ଭାବରେ ଅସାଧୁ ବ୍ୟବସାୟିଙ୍କ ଦ୍ୱାରା ଧାନ ସବୁ ମଣ୍ଡି ମାନଙ୍କରେ ଜମା ନ ହେବ ଏବଂ ପ୍ରକୃତ ଚାଷୀ ଧାନ ବିକ୍ରୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବ ତା ଉପରେ ଦୃଷ୍ଟି ଦେବାପାଇଁ ଜିଲାପାଳ ତହସିଲଦାର ବୀରମହାରାଜପୁରଙ୍କୁ ନିର୍ଦ୍ଦେଶ ଦେଇଥିବା ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ସୂଚନା ପ୍ରଦାନ କରଛନ୍ତି ।

## ଜୁଡୋ କରାଟେ ସ୍କୁଲର ସଫଳତା



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କରାଟେ ସ୍କୁଲର କୃତୀ ଛାତ୍ର ।

**ସୋନପୁର,୧୪।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଜୁଡୋ ଆଣ୍ଡ କରାଟେ ସ୍କୁଲର ୩ଜଣ ଛାତ୍ର ଅନ୍ତଜିଲା ମାର୍ସଲଆର୍ଟ ବେଲ୍ଟ ପରୀକ୍ଷା ପ୍ରତିଯୋଗିତାରେ କୃତିତ୍ୱର ସହିତ ବିଭିନ୍ନ ଗ୍ରେଡ ହାସଲ କରିଛନ୍ତି। ନିମେଇ ମହାକୁଡ ଗ୍ରୀନ୍ ବେଲ୍ଟ, ମିଲନ କୁମାର ଦାସ ବ୍ଲୁ ସିନିଅର ବେଲ୍ଟ ଓ ସଙ୍ଗମ ପ୍ରସାଦ ମେହେର ବ୍ଲୁ ଜୁନିଅର ବେଲ୍ଟ ହାସଲ କରିଛନ୍ତି। ବୌଦ୍ଧ ଜିଲା ରାମଲୀଳା ପଡିଆ ଠାରେ ଆର୍ଟ ଟେମ୍ପୁଲ ଆନୁକୂଲ୍ୟରେ ଦିନିକିଆ ବେଲ୍ଟ ଗ୍ରିଡିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁବର୍ଣ୍ଣପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର କୋଚ୍ ଥାର୍ଡ ଡାଉନ ବ୍ଲକ ବେଲ୍ଟ ସୁଜିତ ପୂଜାରୀଙ୍କ ନେତୃତ୍ୱରେ ନିମେଇ, ମିଲନ ଓ ସଙ୍ଗମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାନସିନ କାଇ କରାଟେର ମୁଖ୍ୟ ଜ୍ଞାନ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗି ମାନଙ୍କୁ ବେଲ୍ଟ ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ ଜୁଡୋ ଆଣ୍ଡ କରାଟେ ସ୍କୁଲର ସଭାପତି ସୁକାନ୍ତ କୁମାର ସାହୁ କୃତି ଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସୁବର୍ଣ୍ଣପୁର ଦେଇ ଯାଉ ସମ୍ବଲପୁର-ବ୍ରହ୍ମପୁର ରେଳପଥ

**ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ଏକଜୁଟ ହେଲେ ସୁବର୍ଣ୍ଣପୁର ବୁଦ୍ଧିଜୀବୀ**




ବୈଠକରେ ଉପସ୍ଥିତ ନାଗରିକ ଓ ସହରର ବୁଦ୍ଧିଜୀବୀମାନେ।

**ସୋନପୁର,୧୪।୨(ନି. ପ୍ର.)**

ସୁବର୍ଣ୍ଣପୁର ଜିଲାର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ସୀତାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ମେହେର ପାର୍କରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ କରିବା, ସମ୍ବଲପୁର-ବ୍ରହ୍ମପୁର ରେଳପଥ ସୁବର୍ଣ୍ଣପୁର ଦେଇ ଯିବା ଓ ଜିଲାରେ ଏକ ବିମାନ ବନ୍ଦର ପ୍ରତିଷ୍ଠା କରାଯିବା ବିଷୟରେ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ଏହାକୁ ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜିଲାପାଳଙ୍କ ଜରିଆରେ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସଚେତନ ନାଗରିକ ମଞ୍ଚ ନାମରେ ଏକ କମିଟି ଗଠନ କରାଯାଇଛି। ସଭାପତିଭାବେ ସୀତାଂଶୁ ଶେଖର ମିଶ୍ର, ଉପସଭାପତି ଧିରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଗୁଣନିଧି ମେହେର, ସହକାରୀ ସମ୍ପାଦକ ବାଙ୍କାନିଧି ରାୟଗୁରୁ, କୋଷାଧକ୍ଷ ଭିକାରୀ ପୃଷ୍ଟି ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟଭାବେ ନୀଳମାଧବ ଗୁରୁ, ପ୍ରଦୀପ କୁମାର ପୁରୋହିତ, ଦୁଃଖିରାମ ନାୟକ, ରାମକୃଷ୍ଣ ମେହେର, ବିନୋଦ ବିହାରୀ ମେହେର, ନବଘନ ଷାଣ୍ଢ, ମହେଶ ପୂଜାହାରୀ, ନବ କିଶୋର ମିଶ୍ର, ପଞ୍ଚାନନ ବାରିକ ଓ ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ପୂର୍ବତନ ଭାଜପା ଜିଲା ସଭାପତି ବଳଦେବ ପ୍ରସାଦ ବେଦବାକ, ପୂର୍ବତନ ନଗରପାଳ ପ୍ରକାଶ ସାହୁ ଏବଂ ବିଜେଡି ନଗର ସଭାପତି ଜନ୍ମେଜୟ ପାତ୍ର ରହିଛନ୍ତି। ଉପଦେଷ୍ଟାଭାବେ ରାମଶଙ୍କର ମେହେର, ଉପେନ୍ଦ୍ରନାଥ ପୁରୋହିତ ଓ ଅଟଳବିହାରୀ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ବୈଠକରେ ସହରର ଅନେକ ବୁଦ୍ଧିଜୀବୀଙ୍କ ସମେତ ଓ ବଣିକ ସଂଘର ଗଣେଶ ମହାଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଇନଜୀବୀ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବେନ୍ଦ୍ର ମିଶ୍ର ଥିଲେ ଜଣେ ପ୍ରତିଭାବାନ ବ୍ୟକ୍ତି

**ସୋନପୁର,୧୪।୨(ନି.ପ୍ର.)**

ସ୍ୱର୍ଗତ ଦେବେନ୍ଦ୍ର ମିଶ୍ର ସୁବର୍ଣ୍ଣପୁର ଜିଲାର ପ୍ରଥମ ଆଇଏଏସ ଅଫିସର। ସେ ଓଡିଶାର ପ୍ରଥମ ନିର୍ବାଚନ କମିଶନରଭାବେ ଦାୟିତ୍ୱ ନେଇ ଅନେକ ସଂସ୍କାର ଆଣିଥିଲେ। ସମଗ୍ର ପଶ୍ଚିମ ଓଡିଶା ବିଶେଷତଃ ସୁବର୍ଣ୍ଣପୁର ଜିଲାର ସମୂହ ଉନ୍ନତି ସକାଶେ ସେ ଗଠନ କରିଥିଲେ ପଶ୍ଚିମ ଓଡିଶା ଫୋରମ। ସେ ଜଣେ ପ୍ରତିଭାବାନ ବ୍ୟକ୍ତି ଥିଲେ। ଉଚ୍ଚ ଶିକ୍ଷିତ ତଥା ଏକ ଆଭିଜାତ୍ୟପୂର୍ଣ୍ଣ ପରିବାରରୁ ଆସିଥିଲେ ମଧ ସବୁ ବର୍ଗର ଲୋକଙ୍କ ପ୍ରିୟ ଥିଲେ। ସୋମବାର ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟ ଶତାବ୍ଦୀ ସମ୍ମିଳନୀ କକ୍ଷରେ ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଓ ଜିଲା ବରିଷ୍ଠ ନାଗରିକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଏହି ମତପ୍ରକାଶ ପାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସଭାପତି ଗୋରେଖ ନାଥ ସାହୁ ସଭାରେ ଅଧକ୍ଷତା କରିଥିଲେ। ସଂଘ ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ୱର୍ଗତ ଦେବେନ୍ଦ୍ର କୁମାର ମିଶ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ବ୍ୟୋମକେଶ ଦାଶ, ଚନ୍ଦ୍ରମଣି ଦାଶ ମଞ୍ଚାସିନ ଥିଲେ। ଶିକ୍ଷାବିତ୍ ବାଲଗୋପାଳ ମହାପାତ୍ର, ବିରଞ୍ଚି ନାରାୟଣ ମହାନ୍ତି, ଡ. ସନ୍ତୋଷ କୁମାର ପାଢୀ, ଡ. ଜ୍ୟୋତିରଞ୍ଜନ ବହିଦାର, ମଦନମୋହନ ଦାନୀ ଓ ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମନାଭ କର୍ଣ୍ଣ ଧନ୍ୟବାଦ ପ୍ରଦାନ କରିଥିଲେ ।




ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ବରିଷ୍ଠ ନାଗରିକ ବୃନ୍ଦ ।

## ଭୋଟ ଦେବାକୁ ମନା କରିବାରୁ ଗାଁରୁ ତଡିଦେଲେ

**ବଲାଙ୍ଗୀର ଅଫିସ,୧୪।୨**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ମଣ୍ଡଳ ପଞ୍ଚାୟତର ଜାମ୍‌ଖାରୀ ଗାଁରେ ଜଣେ ବ୍ୟକ୍ତି ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ମନା କରିଦେବାରୁ ତାଙ୍କୁ ଗାଁରୁ ତଡି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଏକ ଭିଡିଓ ଭାଇରାଲ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହାର ସତ୍ୟତା ନେଇ ତଦନ୍ତ କରାଯାଉଥିବା ଜଣାପଡିଛି।

## ପୃଥକ୍ ପଞ୍ଚାୟତରେ ସମିତି ସଭ୍ୟ ପାଇଁ ଲଢୁଛନ୍ତି ପରିବାରର ୪ ସଦସ୍ୟ

**ବୌଦ୍ଧ, ୧୪।୨(ସ୍ୱ.ପ୍ର.)**



ପ୍ରଶାନ୍ତ ପ୍ରଧାନ



ମମତା ପ୍ରଧାନ



ସରୋଜ ପ୍ରଧାନ



ସ୍ନେହଲତା ପ୍ରଧାନ

**ହରଭଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଉପରେ ନଜର**

ବୌଦ୍ଧ ଜିଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ହରଭଙ୍ଗା ପଞ୍ଚାୟତ ସମିତି। ୨୨ପଞ୍ଚାୟତକୁ ଗଠିତ ଏହି ସମିତିର ଅଧ୍ୟକ୍ଷ ପଦ ଚଳିତ ଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ପଦରେ ନିଜ ସମର୍ଥିତ ବ୍ୟକ୍ତିଙ୍କୁ ଅଧିଷ୍ଠିତ କରାଇବା ପାଇଁ ଶାସକ ବିଜେଡି ସହ ବିରୋଧୀମାନେ ରଣନୀତି ପ୍ରସ୍ତୁତ କରିଛନ୍ତି। କୌତୁହଳ ଘଟଣାକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ପରିବାରର ୪ଜଣ ସଦସ୍ୟ ଅଧ୍ୟକ୍ଷ ପଦରେ ବସିବା ନିଶ୍ଚିତ କରିବାକୁ ଯାଇ ପୃଥକ ଚାରି ପଞ୍ଚାୟତରେ ସମିତି ସଭ୍ୟ ପ୍ରାର୍ଥୀଭାବେ ଅବତୀର୍ଣ୍ଣ ହୋଇଛନ୍ତି। ଏହା ହରଭଙ୍ଗା ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି।

ବୌଦ୍ଧ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅଧୀନ ହରଭଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପାଇଁ କସରତ ପ୍ରାୟ ସବୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ହୋଇଥାଏ। ଏଠାରେ ମୁଖ୍ୟ ବିରୋଧୀ ଦଳ କହିଲେ ଭାଜପା ନେତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କୁ ବୁଝାଏ। ଏଠାରୁ ସେ ନିଜେ ଏବଂ ନିଜ ସମର୍ଥିତଙ୍କୁ ଏକାଧିକବାର ଅଧ୍ୟକ୍ଷ ପଦରେ ବସାଇ ସାରିଛନ୍ତି। ବିଭିନ୍ନ ସମୟରେ କଂଗ୍ରେସ, ସ୍ୱାଧୀନ ଓ ଭାଜପାରୁ ବୌଦ୍ଧ ବିଧାନସଭାରୁ ଲଢିପରାଜିତ ହୋଇଥିଲେ ହେଁ ବ୍ଲକସ୍ତରରେ ତାଙ୍କର ପତିଆରା ରହିଛି। ତାଙ୍କର ନିଜସ୍ୱ ପଞ୍ଚାୟତ ହେଉଛି ତିଳେଶ୍ୱର। ଚଳିତ ଥର ତିଳେଶ୍ୱର ପଞ୍ଚାୟତର ସମିତି ସଭ୍ୟ ପଦ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ତେଣୁ ସେଠାରେ ଜଣେ ଅନୁଗତଙ୍କୁ ପ୍ରାର୍ଥୀ କରିଛନ୍ତି ସୁଶାନ୍ତ। ସୁଶାନ୍ତଙ୍କ ଭାଇ ସରୋଜ ପ୍ରଧାନ ରାଧାନଗର ପଞ୍ଚାୟତ, ଭାଇବୋହୂ ତଥା ସରୋଜଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନ ସମ୍ପୋଚ ପଞ୍ଚାୟତରେ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟ ଜଣେ ଭାଇ ପ୍ରଶାନ୍ତ ପ୍ରଧାନ ବାଣୀଭୂଷଣପୁର ପଞ୍ଚାୟତ ଓ ପ୍ରଶାନ୍ତଙ୍କ ସ୍ତ୍ରୀ ମମତା ପ୍ରଧାନ କରଞ୍ଜକଟା ପଞ୍ଚାୟତରେ ସମିତି ସଭ୍ୟଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମସ୍ତ ଆସନରେ ବିଜୟ ହାସଲ ପାଇଁ ସେମାନେ ଦିନରାତି ଏକ କରିଦେଇଛନ୍ତି। ଏପେଟ ସୁଶାନ୍ତଙ୍କ ରଣନୀତିକୁ ପରାହତ କରିବା ପାଇଁ ବିଧାୟକ ପ୍ରଦୀପ ଅମାତ୍ ଜୋରଦାର ଉଦ୍ୟମ ଚଳାଇଛନ୍ତି। ମତଦାନ ୨୦ତାରିଖରେ ହେବାକୁ ଥିବା ବେଳେ କିଏ ବାଜିମାତ କରୁଛି ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ଦୁଇ ନାବାଳିକା ଭଉଣୀଙ୍କ ବିବାହ ରୋକିଲା ପ୍ରଶାସନ

**ବୌଦ୍ଧ, ୧୪।୨(ସ୍ୱ.ପ୍ର.)**

**ବିଦ୍ୟାଳୟ ବନ୍ଦ ଯୋଗୁ ବିବାହ ଲାଗି ନିଷ୍ପତ୍ତି ନେଇଥିଲେ ପରିବାର ଲୋକ**

କୋଭିଡ୍ ଯୋଗୁ ସାରା ରାଜ୍ୟରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାରୁ ଦୁଇ ନାବାଳିକା ଭଉଣୀଙ୍କ ପାଠପଢା ମଧ୍ୟ ବନ୍ଦ ରହିଥିଲା। ଫଳରେ ଦୁଇ ଭଉଣୀଙ୍କ ବିବାହ ପାଇଁ ପରିବାର ଲୋକ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସୋମବାର ନିର୍ବନ୍ଧ କରାଇଦେଉଥିବା ସୂଚନା ପାଇ ପ୍ରଶାସନ ପକ୍ଷରୁ ଏହାକୁ ରୋକାଯାଇଛି। ଏହି ଘଟଣାଟି ଘଟିଛି ବୌଦ୍ଧ ସହରଠାରୁ ମାତ୍ର ଦୁଇ କିଲୋମିଟର ଦୂର ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ କୁଡାସାହିରେ। ଜଣେ ବିଧବା ମହିଳାଙ୍କ ୬ ପୁଅଝିଅଙ୍କ ମଧ୍ୟରୁ ଜଣେ ଝିଅ ବିବାହିତ। ଅନ୍ୟ ୫ଜଣଙ୍କ ମଧ୍ୟରୁ ଜଣେ (୧୪ବର୍ଷ) ହରଭଙ୍ଗା ବ୍ଲକରେ ଥିବା କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଛନ୍ତି। ଆଉ ଜଣେ (୧୭) ଯୁକ୍ତଦୁଇ ପଢୁଛନ୍ତି। ପରିବାରର ବୋଝ ଉଠାଇ ନ ପାରି ବିଧବା ମା' ବିବାହ କରାଇଦେବାକୁ ଯୋଜନା କରି ସୋମବାର ନିର୍ବନ୍ଧ କରାଉଥିଲେ। ବିବାହ ପାଇଁ ରାଜି ନ ଥିବା ନାବାଳିକା ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାପରେ ବିଦ୍ୟାଳୟ ପକ୍ଷରୁ ଜିଲା ଶିକ୍ଷା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡାଙ୍କୁ ସୂଚନା ଦିଆଯାଇଥିଲା। ପରେ ଘଟଣା ସମ୍ପର୍କରେ ସୂଚନା ପାଇ ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ଜିଲା ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ, ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା, ସେକ୍ଟର ସୁପରଭାଇଜର ବାସନ୍ତୀ ମହାକୁଡ, ସରସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ସମଗ୍ର ଶିକ୍ଷା ଅଭିଯାନର ଯୋଜନା ସଂଯୋଜକ ଦେବାଶିଷ ସାମନ୍ତରାୟ ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ କୁଡାସାହିରେ ପହଞ୍ଚିଥିଲେ। ଦୁଇ ନାବାଳିକାଙ୍କ ମା'ଙ୍କୁ ଏହି ଟିମ୍‌ର ସଦସ୍ୟମାନେ ବୁଝାଶୁଝା କରିବା ସହିତ ନିର୍ବନ୍ଧ କାର୍ଯ୍ୟକ୍ରମକୁ ବନ୍ଦ କରିଥିଲେ। ଦୁଇ ନାବାଳିକା ଓ ପରିବାର ସଦସ୍ୟଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯିବା ସହିତ ବୟସ ପୂର୍ବରୁ ବିବାହ ନ କରାଇବାକୁ ଚୁକ୍ତି କରାଯାଇଥିବା ଜଣାଯାଇଛି।

**ଭୋଟ ଦେବାକୁ ମନା କରିବାରୁ ଗାଁରୁ ତଡିଦେଲେ**

ବଲାଙ୍ଗୀର ଅଫିସ : ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ମଣ୍ଡଲ ପଞ୍ଚାୟତର ଜାମ୍‌ଖାରୀ ଗାଁରେ ଜଣେ ବ୍ୟକ୍ତି ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ମନା କରିଦେବାରୁ ତାଙ୍କୁ ଗାଁରୁ ତଡି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଏକ ଭିଡିଓ ଭାଇରାଲ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହାର ସତ୍ୟତା ନେଇ ତଦନ୍ତ କରାଯାଉଥିବା ଜଣାପଡିଛି।

## ସଂକ୍ଷେପରେ

### ଉତ୍ତରାଧିକାରୀ ପ୍ରମାଣପତ୍ର ମିଳିବାରେ ବିଳମ୍ବ

**ଲୋଇସିଂହା,୧୪।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ତହସିଲରୁ ଉତ୍ତରାଧିକାରୀ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି। ଏହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗଲପୁର ବ୍ଲକ ସାଲେଭଟା ଗ୍ରାମର ଗୌରହରି ପଟେଲ। ଗୌରଙ୍କ ବାପା ଏବଂ ଅଜାଙ୍କ ମୃତ୍ୟୁ ଘଟିଛି। ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଗୌର ୨୦୨୧ ନଭେମ୍ବରରେ ଅନଲାଇନରେ ଆବେଦନ କରିଥିଲେ। ଆବେଦନ ସମୟରେ ଦିଆଯାଇଥିବା ପ୍ରମାଣ ପତ୍ରରେ ୨୦୨୧ ଡିସେମ୍ବର ୩୦ରେ ପ୍ରାମଣପତ୍ର ମିଳିବ ବୋଲି ଦର୍ଶଯାଇଛି । ଇତିମଧରେ ଅଢେଇ ମାସ ବିତି ଯାଇଥିଲେ ସୁଦ୍ଧା ପ୍ରମାଣପତ୍ର ମିଳି ନ ଥିବା ଗୌରହରି ଅଭିଯୋଗ କରିଛନ୍ତି। ଗୌରହରିଙ୍କ ପରି ଅନେକ ଆବେଦନକାରୀଙ୍କୁ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି।

### ପ୍ରଥମ ପର୍ଯ୍ୟାୟରେ ହେବ ଜୁନାଗଡ ନିର୍ବାଚନମଣ୍ଡଳୀ

**୭୧୭ ବୁଥ୍‌ରେ ୨ଲକ୍ଷ ୨୦ ହଜାର ଭୋଟର**

**ଜୁନାଗଡ/ଗୋଲାମୁଣ୍ଡା,୧୪।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲାର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୧୬ ତାରିଖରେ ଜୁନାଗଡ ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ଏଥିରେ ଜୁନାଗଡ ନିର୍ବାଚନମଣ୍ଡଳୀରେ ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକ ରହିଛି। ଚଳିତ ଥର ଜୁନାଗଡ ବ୍ଲକର ୩୪ଟି ପଞ୍ଚାୟତରେ ୩୯୦ଟି ବୁଥ୍ ହୋଇଥିବାବେଳେ ଏଥିରେ ୧ ଲକ୍ଷ ୨୪ ହଜାର ୯୨୯ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ଜୁନାଗଡ ବ୍ଲକର ୩୪ ପଞ୍ଚାୟତରେ ୧୬୩ ସରପଞ୍ଚ,୧୩୯ ସମିତିସଭ୍ୟ ଓ ୪ ଜୋନ୍ ପାଇଁ ୧୭ଜଣ ଜିଲା ପରିଷଦ ପ୍ରାର୍ଥିନୀ/ପ୍ରାର୍ଥୀ ରହିଛନ୍ତି। ଗୋଲାମୁଣ୍ଡା ବ୍ଲକର ୨୮ଟି ପଞ୍ଚାୟତରେ ୩୨୭ଟି ବୁଥ୍‌ରେ ୯୫ ହଜାର ୧୦୬ଜଣ ଭୋଟର ମତଦାନ କରିବେ। ବ୍ଲକର ୨୮ଟି ପଞ୍ଚାୟତରେ ୪୮୪ ୱାର୍ଡସଭ୍ୟ, ୧୩୯ ସରପଞ୍ଚ, ୯୮ ସମିତିସଭ୍ୟା/ସଭ୍ୟ ଓ ୩ ଜୋନ୍ ପାଇଁ ୯ ଜିଲା ପରିଷଦ ପ୍ରାର୍ଥୀ ରହିଛନ୍ତି। ଜୁନାଗଡ ନିର୍ବାଚନମଣ୍ଡଳୀରେ ଚଳିତଥର ୭୧୭ଟି ବୁଥ୍ ରହିଥିବାବେଳେ ଏଥିରେ ୨ ଲକ୍ଷ ୨୦ ହଜାର ୩୫ଜଣ ଭୋଟର ନିଜର ମତ ସାବ୍ୟସ୍ତ କରିବେ। ସୋମବାର ଏଠାକାର ପ୍ରାର୍ଥିନୀ/ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଶେଷ ଦିନ ଥିଲା। ଫଳରେ ପ୍ରାର୍ଥିନୀ/ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଶୋଭାଯାତ୍ରା କରି ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରାଯାଉଛି। ବୁଧବାର ଜୁନାଗଡ ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଥ୍‌ଗୁଡିକ ପ୍ରସ୍ତୁତ ରଖାଯାଇଛି। ସେହିପରି ମତଦାନ ଲାଗି ମଙ୍ଗଳବାର ପୋଲିସ କର୍ମଚାରୀ, ପୋଲିଂ ଅଧିକାରୀମାନେ ମତଦାନ କେନ୍ଦ୍ର ଅଭିମୁଖେ ଗସ୍ତ କରିବେ ବୋଲି ଜଣାପଡିଛି। ପୂର୍ବ ନିର୍ବାଚନଗୁଡିକରେ ୨ଦିନ ପୂର୍ବରୁ ପୋଲିଂ ଅଧିକାରୀ, ପୋଲିସ କର୍ମଚାରୀମାନେ ମତଦାନ କେନ୍ଦ୍ରକୁ ଯାଉଥିବାବେଳେ ଚଳିତବର୍ଷ କଳାହାଣ୍ଡି ଜିଲାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

### ୨୮ ସମ୍ବେଦନଶୀଳ, ୩୯ ଅତି ସମ୍ବେଦନଶୀଳ ବୁଥ୍

**ଲୋଇସିଂହା,୧୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୩୩ ଏବଂ ୩୪ ନଂ ଜିଲା ପରିଷଦ ଜୋନ ଓ ଏହା ଅନ୍ତର୍ଗତ ପଞ୍ଚାୟତଗୁଡିକରେ ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବ। ବ୍ଲକର ୨୩୯ ବୁଥ୍ ମଧ୍ୟରୁ ୨୮ ବୁଥକୁ ସମ୍ବେଦନଶୀଳ ଏବଂ ୩୯ ବୁଥକୁ ଅତିସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚାଲିଛି।

**ଲୋଇସିଂହା ବ୍ଲକରେ ୧୦ ପିଙ୍କ୍ ବୁଥ**

ଲୋଇସିଂହା ବ୍ଲକରେ ୧୦ଟି ପିଙ୍କ ବୁଥ ସ୍ଥାପନ କରାଯାଇଛି । ଏସବୁ ବୁଥକୁ ମହିଳା କର୍ମଚାରୀ ପରିଚାଳନା କରିବେ । ସେହି ବୁଥ୍ ଗୁଡିକ ହେଲା ବାଦିବାହାଲ ପଞ୍ଚାୟତର ଅଗଲାପାଲି ଗାଁର ୯ ନଂ ୱାର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଢାପଦର ପଞ୍ଚାୟତ ୨ନଂ ୱାର୍ଡ ସଲତରପାଲି ପ୍ରାଥମିକ ବିଦ୍ୟାଳୟ, ବୁର୍ଡା ପଞ୍ଚାୟତର ୧ ନଂ ୱାର୍ଡ ସିଆଲବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ପଞ୍ଚାୟତର ୧୪ନଂ ୱାର୍ଡ ଲୋଇସିଂହା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, ଯୋଗୀସର୍ଡା ଗ୍ରାମର ୩, ୪ ଏବଂ ୫ ନଂ ୱାର୍ଡ ହିରହର ନୋଡାଲ ହାଇସ୍କୁଲ ଏବଂ କୁଟେନପାଲି ପଞ୍ଚାୟତର ଦୁମ୍‌ଦୁମି ଗ୍ରାମର ୧୦,୧୧ ଓ ୧୨ ନଂ ୱାର୍ଡ ଦୁମ୍‌ଦୁମି ଆଶ୍ରମ ସ୍କୁଲକୁ ପିଙ୍କ ବୁଥ୍ ଚିହ୍ନଟ କରାଯାଇଥିବା ବିଡିଓ ରାମଚନ୍ଦ୍ର ଖାଡିଆ ଓ ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ଏହା ଜଣାପଡିଛି।

# ପ୍ରଚାରକୁ ଜୋରଦାର କଲେ ତିନି ପ୍ରମୁଖ ଦଳ

**ଦେଓଗାଁ, ୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଦେଓଗାଁ ବ୍ଲକର ୧୨ନଂ ଜିଲା ପରିଷଦ ଜୋନ। ଜିଲାର ଅନ୍ୟତମ ଚର୍ଚ୍ଚିତ ଏହି ଜୋନ ହାତିସରା, କୁତୁର୍ଲା, ବଡବନ୍ଧ, ସିକୁଆଁ, ଲଣ୍ଡାପଥର, ସାରସମାଲ, ବ୍ରାହ୍ମଣୀଯୋର, ବନ୍ଧପଡା, ଧଣ୍ଡାମାଲ, ସିଂହାମୁଣ୍ଡା, ଦେଷଣ୍ଡ, ରାମଚନ୍ଦ୍ରପୁର ଓ ଡୁମେରପିଟା ଆଦି ୧୩ଟି ପଞ୍ଚାୟତକୁ ନେଇ ଗଠିତ। ଏଠାରେ ୧୫୧ଟି ୱାର୍ଡ ରହିଛି । ଏହି ଜୋନରେ ୩୫୩୦୧ ଜଣ ଭୋଟର ରହିଛନ୍ତି । ଚଳିତ ଥର ତଫସିଲଭୁକ୍ତ ଜନଜାତି ପାଇଁ ସଂରକ୍ଷିତ ଏହି ଜୋନରେ ଆସନ୍ତା ୨୨ତାରିଖରେ ମତଦାନ ହେବ। କଂଗ୍ରେସରୁ କବିତା ଭୋଇ, ବିଜେଡିରୁ ମମତା କୁଜୁରୁ, ଭାଜପାରୁ ତୁଲେନ୍ଦ୍ରୀ କୁଅଁର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୭ ନିର୍ବାଚନରେ ଏହି ଜୋନରୁ ବିଜେଡିର ସୁଶୀଲ କୁମାର ଚାନ୍ଦ ୧୦୩୨୧ ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସର ରାମଜୀ ଚୌଧୁରୀ ୮୧୪୦ ଭୋଟ ପାଇ ଦ୍ୱିତୀୟ ଓ ଭାଜପାର ଅମିତ କୁମାର ସିଂ ନିନା ୭୧୭୫ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ସେତିକି ଜୋରଦାର କରି ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା ଚଳାଇଛନ୍ତି। ତିନି ପ୍ରମୁଖ ଦଳର ହେବିୱେଟମାନେ ପ୍ରଚାରକୁ ଓହ୍ଲାଇବା ପରେ ରାଜନୈତିକ ପାଣିପାଗ ସରଗରମ ହୋଇ ଉଠିଛି। କଂଗ୍ରେସ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ଭୋଇଙ୍କ ପତ୍ନୀ କବିତା ଭୋଇଙ୍କୁ ପ୍ରାର୍ଥୀ କରିଛି । ବିଧାୟକ ନରସିଂହ ମିଶ୍ର ତାଙ୍କ ପାଇଁ ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ବୁଲି ଭୋଟଭିକ୍ଷା କରିଛନ୍ତି। ୨୦୧୭ ନିର୍ବାଚନରେ ଏଠାରେ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେଣୁ ଚଳିତ ଥର ଜୋନବାସୀ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିରସିଂହ ନିବେଦନ କରିଛନ୍ତି। ସେହିପରି ବିଜେଡି ହାତିସରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମମତା କୁମୁରାଙ୍କୁ ପ୍ରାର୍ଥୀ କରିଛି। ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ଆଦ୍ରିଜା ମଞ୍ଜରୀ ସିଂଦେଓ ମମତାଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ପ୍ରାର୍ଥିନୀ ତୁଲେନ୍ଦ୍ରୀ କୁଅଁର ରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚଙ୍କ ଝିଅ। ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ସଂଗୀତା କୁମାରୀ ସିଂଦେଓ ତାଙ୍କ ପାଇଁ ପ୍ରଚାର କରି ଭାଜପାକୁ ବିଜୟୀ କରିବାକୁ ଭୋଟରଙ୍କୁ ଆହ୍ୱାନ ଦେଇଛନ୍ତି।


କବିତା ଭୋଇ


ମମତା କୁଜୁର


ତୁଲେନ୍ଦ୍ରୀ କୁଅଁର

# ନେତାଙ୍କୁ ଜବାବ ମାଗୁଛନ୍ତି ଜନତା

**ଅର୍ଡାରେ ପାନୀୟଜଳ ସଙ୍କଟ**

**ଦେଓଗାଁ,୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅର୍ଡାର ଉପରପଡାରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଏନେଇ ପଡାର ୪୫ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏବେ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଗାଁକୁ ଭୋଟଭିକ୍ଷା ପାଇଁ ଗଲେ ପ୍ରଥମେ ପାନୀୟଜଳ ସଙ୍କଟ ଉପରେ ପ୍ରଶ୍ନ କରିବା ସହ ତାର ଜବାବ ମାଗୁଥିବା ନଜରକୁ ଆସିଛି । ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଚଳିତବର୍ଷ ମଧ ନେତୃବୃନ୍ଦଙ୍କ ପ୍ରତି ଆସ୍ଥା ତୁଟିଯାଉଥିବା ପଡାବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଆଗକୁ ସମସ୍ୟାର ସମାଧାନ ନକଲେ ବ୍ଲକ ଘେରାଉ କରିବାକୁ ବାଧହେବୁ ବୋଲି ପଡାର ବୁଇ ସାମଲ, ଯଶୋଦା ଧରୁଆ, ଘନଶ୍ୟାମ କୁଏଡ, ଝାଇ ମାଝୀ, କିଶୋରୀ ରଣା, ସରୋଜିନୀ ରଣା, ବିନୋଦନୀ ସାମଲ, ତାରା ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏ ନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଅର୍ଡା ଗାଁ ଜଳ ଯୋଗାଣ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ନିର୍ବାଚନ ପରେ କାର୍ଯ୍ୟ ଆରମ୍ଭ ହେବ। ତେବେ କାମ ସରିବା ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।


ଅର୍ଡା ଉପରପଡାରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଲୋକେ ଅଭିଯୋଗ କରୁଛନ୍ତି ।

# ‘ସଶକ୍ତ ଜିଲା ପରିଷଦ ପାଇଁ କଂଗ୍ରେସକୁ ନିର୍ବାଚିତ କର’

**ବଲାଙ୍ଗୀର ଅଫିସ, ୧୪।୨**

ଗାଁର ଅପହଞ୍ଚ ଇଲାକାରେ ବିକାଶ ପହଞ୍ଚାଇବା ହେଉଛି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳ ଲକ୍ଷ୍ୟ। ଗ୍ରାମ ପଞ୍ଚାୟତକୁ ଶହଶହ କୋଟିର ଅନୁଦାନ ସତ୍ତ୍ୱେ ସରକାରୀ ଉଦାସୀନତା, ଅଧିକାରୀଙ୍କ ସ୍ଥାଣୁତା ତଥା ପଞ୍ଚାୟତ ସ୍ତରରେ ଦୁର୍ବଳ ନେତୃତ୍ୱ ଯୋଗୁଁ ଗାଁର ବିକାଶ ଧିମେଇ ଯାଉଛି। ତେଣୁ ଜିଲା ପରିଷଦରେ ସଶକ୍ତ ନେତୃତ୍ୱ ପାଇଁ ବଲାଙ୍ଗୀର ସଦର ବ୍ଲକ ୨୨ ନମ୍ବର ଜୋନ୍ ଜିଲା ପରିଷଦର କଂଗ୍ରେସ ପ୍ରାର୍ଥିନୀ ଯଶୋବନ୍ତୀ ବଘାରଙ୍କୁ ହାତ ଚିହ୍ନରେ ବିପୁଳ ଭୋଟ ଦାନ କରି ଜୟଯୁକ୍ତ କରିବାକୁ ସ୍ଥାନୀୟ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସଦର ବ୍ଲକବାସୀଙ୍କୁ ନିବେଦନ କରିଥିଲେ। ସୋମବାର ସଦର ବ୍ଲକର ଜୋନ ୨୨ ଅନ୍ତର୍ଗତ ତୁଲୁସର, ଚୁଡାପାଲି, ତୁଷୁରାବାହାଲ, ଡଙ୍ଗାଘାଟ, ସାନତେଲେନପାଲି, ସରଗାଡ, ଭୁଣ୍ଡିମୁହାଣ, ଗର୍ଜନ ଓ ମାୟାବର୍ଦ୍ଧା ଅଞ୍ଚଳରେ କଂଗ୍ରେସ ପ୍ରାର୍ଥିନୀ ଯଶୋବନ୍ତୀ ବଘାରଙ୍କ ସହ ନିର୍ବାଚନୀ ପ୍ରଚାର ସମୟରେ ବିଧାୟକ ମିଶ୍ର କହିଥିଲେ ଯେ, ଜିଲା ପରିଷଦକୁ ଅନେକ ଅନୁଦାନ ଆସୁଛି । ଯେଉଁ ସଭ୍ୟମାନେ ନିର୍ବାଚିତ ହୋଇଯାଉଛନ୍ତି ସେମାନେ ଏହି ଅର୍ଥର ସଦ୍‌ଉପଯୋଗ କରିପାରୁ ନାହାନ୍ତି । ଗତ ଜିଲା ପରିଷଦ ପ୍ରାୟତଃ ସତ୍ତାଧାରୀ ଭାଜପା ଓ ବିଜେଡି ଦଳର ନେତୃତ୍ୱରେ ଚାଲିଥିଲା । ତଥାପି ଅଞ୍ଚଳର ଉନ୍ନତି ହୋଇନାହିଁ ବୋଲି ସେ କହିଥିଲେ। ନିର୍ବାଚନୀ ସଭା ମାନଙ୍କରେ କଂଗ୍ରେସ ନେତା ରାଧାକାନ୍ତ ଭୋଇ, ଜିଲା ଉପସଭାପତି ମନୀଷ ମିଶ୍ର, ଚୁଡାପାଲି ସରପଞ୍ଚ ଘାସିରାମ ବେହେରା, ଯୋଗେଶ୍ୱର କୁମୁରା, ପଙ୍କଜ ମାଲ, ମୁରଲୀ ମଲ୍ଲିକ ଓ କୁଳମଣି ସାହୁ ଉପସ୍ଥିତ ଥିଲେ। ରବିବାର ଦେଓଗାଁ ବ୍ଲକ ୧୩ ନମ୍ବର ଜୋନର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥିନୀ ମୁକ୍ତାଦେଇ ତାଣ୍ଡିଙ୍କୁ ବିଜୟୀ କରିବା ପାଇଁ ବିଧାୟକ ମିଶ୍ର କୁଲତାପଡା, ଅର୍ଜୁନପୁର, ଗୁଡଖାପଲା, ବଡବାହାଲ, ଗୌରଗୋଠ, ରତାଖଣ୍ଡି ଗାଁ ଗସ୍ତ କରି ନିର୍ବାଚନ ପ୍ରଚାର କରିଥିଲେ। ଧାନକିଣା ହେଉ କି ଆବାସ ଯୋଜନା ସବୁଥିରେ ବିଜେଡି–ଭାଜପା ସରକାରଙ୍କ ଦୁର୍ନୀତି ଚରମ ସୀମାରେ ପହଞ୍ଚିଲାଣି ବୋଲି କହି କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମାଶଙ୍କର ପଣ୍ଡା, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଲୁନା ସାହୁ, କୁନା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ମନବୋଧ ହରପାଲ, ଛାତ୍ର କଂଗ୍ରେସର ଅଙ୍କିତ ସାହୁ ଓ ଅଜିତ ମହାନନ୍ଦ ଉପସ୍ଥିତ ଥିଲେ ।


କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ସଦର ବ୍ଲକ୍‌ରେ ବିଧାୟକ ନରସିଂହ ମିଶ୍ର ନିର୍ବାଚନୀ ପ୍ରଚାର କରୁଛନ୍ତି।

**ବଲାଙ୍ଗୀରୀ ସଦର ବ୍ଲକରେ ନରସିଂହଙ୍କ ନିର୍ବାଚନ ପ୍ରଚାର**

# ୨ କି.ମି. କାନ୍ଧରେ ବୋହିଲେ ମୃତଦେହ

**ଭବାନୀପାଟଣା,୧୪।୨(ସ୍ୱ.ପ୍ର.)**

- କଳାହାଣ୍ଡିରେ ଦାନ ମାଝି ଶବବୁହା ଘଟଣାର ପୁନରାବୃତ୍ତି
- ମିଳିଲାନି ଶବବାହକ ଗାଡ଼ି

କଳାହାଣ୍ଡି ଜିଲାରେ ଦାନ ମାଝି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଶବବାହକ ଗାଡି ନ ମିଳିବାରୁ ପରିବାର ଲୋକେ କାନ୍ଧରେ ୨ କି.ମି. ମୃତଦେହ ବୋହି ନେଇଥିଲେ। ସୋମବାର ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋଦ୍ ଜିଲା ମୁଖ୍ୟ କାର୍ଯ୍ୟାଳୟ ଭବାନୀପାଟଣା ସହର ହିଲଟାଉନ୍ ନିକଟରେ। ସୂଚନା ଯେ, ଜିଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଠକୁରା ଗାଁର ମୁନାଇ ମାଝି(୬୦) ରବିବାର ଘର କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ପରିବାର ଲୋକେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉକ୍ତ ଦିନ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ହେଲେ ବିଳମ୍ବ ହେବାରୁ ପରିବାର ଲୋକେ ବ୍ୟବଚ୍ଛେଦ ନ କରିବା ପାଇଁ ପୋଲିସକୁ ଲିଖିତ ଭାବେ ଜଣାଇ ମୃତଦେହ ନେବାକୁ ଶବବାହକ ଗାଡି ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ନ ଶୁଣିବାରୁ ଶେଷରେ ପରିବାର ଲୋକେ ଡାକ୍ତରଖାନାରୁ ୨ କି.ମି. ମୃତଦେହ ବୋହିନେବା ପରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଡାକ୍ତରଖାନା ପକ୍ଷରୁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲେ ମଧ ଅନ୍ୟ ଏକ ଶବବାହକ ଗାଡିରେ ପରିବାରବର୍ଗ ମୃତଦେହ ନେଇଯାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରଞ୍ଜନ କୁମାର ମିତ୍ରଙ୍କୁ ପଚାରିବାରୁ ମୃତଦେହ ବ୍ୟବଚ୍ଛେଦ ପୋଲିସ ପାଇଁ ବିଳମ୍ବ ହୋଇଥିଲା। ଶବବାହକ ଗାଡି ପାଇଁ ମୃତକଙ୍କ ପରିବାରବର୍ଗ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇ ନ ଥିବା ପ୍ରକାଶ କରିଥିଲେ।


ମୃତଦେହ କାନ୍ଧରେ ବୋହି ନିଆଯାଉଛି।

# ପୁଲ୍‌ୱାମା ଶହୀଦ ଦିବସରେ ମେଗା ରକ୍ତଦାନ ଶିବିର

**ଟିଟିଲାଗଡ, ୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ନାଗରିକ ମଞ୍ଚ ତରଫରୁ ସୋମବାର ଜମ୍ମୁକାଶ୍ମୀରର ପୁଲୱାମାରେ ସହିଦ ହୋଇଥିବା ଯବାନଙ୍କ ବଳିଦାନକୁ ମନେ ପକାଇ ମେଗା ରକ୍ତଦାନ ଶିବିର ଆୟୋଜିତ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ମହାବୀର ପଞ୍ଚାୟତ ଧର୍ମଶାଳାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ନିଜେ ରକ୍ତଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଟିଲାଗଡ ଡିଏଭି ମହାବିଦ୍ୟାଳୟ ଅଧକ୍ଷ ଡ଼. ମଧୁସୂଦନ ମିଶ୍ର ଉପସ୍ଥିତ ଥିଲେ। ନାଗରିକ ମଞ୍ଚ ତରଫରୁ ଟିଟିଲାଗଡ ସହରର ବିହାର ରେଜିମେଣ୍ଟର ପୂର୍ବତନ ସୈନିକ ଲିଙ୍ଗରାଜ ନାୟକ ଏବଂ ସହରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବନମାଳୀ ବେହେରା, ରାଜ ବର୍ଗାଡ଼ୀ, ଶିବ ସାହୁ, ନିପୁନ ବାଗ ପ୍ରମୁଖ ପାଞ୍ଚ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଣିକ ସଂଘ, ବିକାଶ ସେନା, ଲାୟନ୍ସ କ୍ଲବ ଓ ଡିଏଭି କଲେଜ ଟିଟିଲାଗଡ ଏନସିସି ଛାତ୍ରୀଛାତ୍ର ରକ୍ତ ଦାନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଈଶ୍ୱର ଚନ୍ଦ୍ର ଜୈନ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ମୋହନ ଲାଲ ଜୈନ, କାର୍ଯ୍ୟକାରୀ ସମ୍ପାଦକ ମନୋଜ ହାତୀ, ଦୀପକ ସମାଦାର, ଶମ୍ଭୁ ପ୍ରସାଦ ଗୋୟଲ, କୋଷାଧ୍ୟକ୍ଷ ପ୍ରକାଶ ଗୋୟଲଙ୍କ ସହ ସଦସ୍ୟ ଜଗନ୍ନାଥ ପଣ୍ଡା, ଚିନ୍ତାମଣି ମହାପାତ୍ର,ରମାନାଥ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଏବିଭିପି

**ଭବାନୀପାଟଣା,୧୪।୨(ସ୍ୱ.ପ୍ର.)**

ଗତତିନି ବର୍ଷ ତଳେ ଫେବୃୟାରୀ ୧୪ରେ କଶ୍ମୀର ପୁଲୱାମାଠାରେ ପାକିସ୍ତାନୀ ଆତତାୟୀମାନଙ୍କ ଦ୍ୱାରା ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ୩୦ରୁ ଉର୍ଦ୍ଧ୍ୱ ସୈନିକ ବିରଗତିକୁ ପ୍ରାପ୍ତି କରିଥିଲେ। ତେଣୁ ଫେବୃୟାରୀ ୧୪କୁ ପୁଲୱାମା ଶହୀଦ ଦିବସ ରୂପେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ପକ୍ଷରୁ ପାଳନ କରାଯାଇଛି। ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ସଭା ପରେ ଏକ ମହମବତି ଶୋଭାଯାତ୍ରା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କଳାମଞ୍ଚ ସହ ସଂଯୋଜକ ଶୁଭମ ରୋହିଲା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ନାଏକ, ବିଶ୍ୱ ବିଦ୍ୟାଳୟ ଶାଖା ସଭାପତି ବିକାଶ ସାହୁ, ତାରିଣୀ ମହାପାତ୍ର, ବିଭାଗ ସମିତି ସଦସ୍ୟ ଅକ୍ଷୟ ଧଙ୍ଗଡା ମାଝି, ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ପାଇଁ ଜୀବନ ଦେଇ ଥିବା ଶହୀଦମାନଙ୍କୁ ସ୍ମରଣ କରିବା ସହିତ ଆଜିର ଯୁବ ଓ ଛାତ୍ର ସମାଜ ରାଷ୍ଟ୍ର ପୁନଃ ନିର୍ମାଣରେ ଧ୍ୟାନ ଦେବା କଥା ବୋଲି ନଗର ସମ୍ପାଦକ ଅଭିଷେକ ନାଏକ ମତ ରଖିଛନ୍ତି।

# ଏଫ୍‌ଆଇଆର୍ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ, ୧୪।୨**

- ସରପଞ୍ଚ ପଦ ନିଲାମ ମାମଲା
- ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ପଦ ନିଲାମ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ଏବେ ଏହି ଘଟଣା ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ସରପଞ୍ଚ ପଦ ନିଲାମ ଘଟଣାରେ ଟଙ୍କା କାରବାର ଓ ପ୍ରଚାର ବେଳେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ଅଭିଯୋଗରେ ଜଣେ ପ୍ରାର୍ଥୀ ଓ ଅନ୍ୟ ଜଣଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ରୁଜୁ କରିବାକୁ ବିଡିଓଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପରେ ବିଡିଓ ଯୁଧିଷ୍ଠିର ନାଏକ ପୁଇଁତଲା ଥାନାରେ ଏଫ୍‌ଆଇଆର ଦାଖଲ କରିଥିବା ଜଣାପଡ଼ିଛି। ବିଲେଇସର୍ଡା ପଞ୍ଚାୟତ ନିର୍ବାଚନରେ ଟଙ୍କା କାରବାର ହେଉଥିବା ନେଇ ସରପଞ୍ଚ ପ୍ରାର୍ଥୀ ବିଳାସିନୀ ଶର୍ମା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ଟଙ୍କା କାରବାର ସମ୍ପର୍କିତ ଏକ ଭିଡିଓ କ୍ଲିପ୍ ଦାଖଲ କରିବା ପରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବିବେଚନା କରି ଜିଲାପାଳ ରାଣା ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ବିଲେଇସର୍ଡା ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସରପଞ୍ଚ ପଦ ନିଲାମ ବୈଠକ ବସିଥିଲା। ଉକ୍ତ ବୈଠକରେ ୪୪ ଲକ୍ଷ ଟଙ୍କାର ନିଲାମ ଡାକି ଜଣେ ଆଶାୟୀ ପ୍ରାର୍ଥୀ ସରପଞ୍ଚ ପଦ ହାତେଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଏଡିଏମ୍ ତଥା ଜିଲା ଆଦର୍ଶ ଆଚରଣବିଧି ନୋଡାଲ ଅଧିକାରୀ ମହେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ହୋଇଥିଲା। ଜଣେ ଆଶାୟୀ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ୪୪ ଲକ୍ଷ ନୁହେଁ, ୪୪ ହଜାର ଟଙ୍କା ଗାଁର ଜଗନ୍ନାଥ ମନ୍ଦିରକୁ ଦେବେ ବୋଲି ରାଜି ହୋଇଥିବା ନେଇ ଗଣମାଧ୍ୟମରେ କହିଥିଲେ। ଏବେ ଭାଇରାଲ ହୋଇଥିବା ଅନ୍ୟ ଏକ ଭିଡିଓ କ୍ଲିପ୍‌ରେ ଉକ୍ତ ପଞ୍ଚାୟତ କଣ୍ଢୁରୁପାଲି ଗ୍ରାମ ପାଟଣେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଜଣେ ପ୍ରାର୍ଥୀଙ୍କଠାରୁ ଅଣାଯାଇଥିବା କୁହାଯାଉଛି। ଉକ୍ତ ଭିଡିଓ ସହ ନିର୍ବାଚନରେ ଟଙ୍କା କାରବାର ହେଉଥିବା ନେଇ ସରପଞ୍ଚ ପ୍ରାର୍ଥୀ ଶର୍ମା ଅଭିଯୋଗ କରିଥିଲେ।

# ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷ ପାଇଁ ୫ ଆଶାୟୀ

**ନୂଆପଡ଼ା ଅଫିସ,୧୪।୨**

ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତି ଉଷ୍ମତା ସେତେ ବଢି ଚାଲିଛି। ନିର୍ବାଚନି ଉଷ୍ମତା ସହ ସଦର ପଞ୍ଚାୟତ ସମିତି ଅଧକ୍ଷ ପଦବୀ ହାତେଇବା ପାଇଁ ଆଶାୟୀ ପ୍ରାର୍ଥୀମାନେ ତୀକ୍ଷଣ ନଜର ରଖିଛନ୍ତି। ଏଥର ନୂଆପଡା ପଞ୍ଚାୟତ ସମିତି ଅଧକ୍ଷ ଦଖଲ ଲାଗି ୫ଜଣ ଆଶାୟୀ ପ୍ରାର୍ଥୀ ମଇଦାରେ ରହିଛନ୍ତି। ସୂଚନା ଯେ, ସଦର ବ୍ଲକରେ ୩୧ଟି ପଞ୍ଚାୟତ ରହିଛି। ସେଥିରୁ ୪ଟି ଆସନରେ ଅନୁସୂଚିତଜାତି, ୧୧ଟିରେ ଅନୁସୂଚିତ ଜନଜାତି ଓ ୧୬ଟି ଅଣସଂରକ୍ଷିତ ରହିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ତେଣୁ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଦୌଡରେ ବର୍ତ୍ତମାନ ବିଜେଡି ଓ ଭାଜପାର ଅନେକ କର୍ମୀଙ୍କ ନାମ ସମ୍ମୁଖକୁ ଆସୁଛି। ସେମାନଙ୍କ ମଧ୍ୟରେ ଖଇରାନି ପଞ୍ଚାୟତରେ ଲଢୁଥିବା ରମାକାନ୍ତ ଠାକୁର, ଗୋଡଫୁଲା ପଞ୍ଚାୟତରେ ଲଢୁଥିବା ରାଧେଶ୍ୟାମ ବାଗ, କେନ୍ଦୁବାହାରା ପଞ୍ଚାୟତର ଲଢୁଥିବା ବର୍ତ୍ତମାନର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ମୋଟାନୂଆପଡା ପଞ୍ଚାୟତରୁ ଦିଲୀପ ନିର୍ମଲକର, ବେଲଟୁକୁରି ପଞ୍ଚାୟତରୁ ଗଲୁ ଚନ୍ଦ୍ରକାରଙ୍କ ନାମ ରହିଛି। ୨୦୧୭ ନିର୍ବାଚନରେ ତାରେଶ୍ୱରୀ ସାହୁଙ୍କୁ ବ୍ଲକ ଅଧ୍ୟକ୍ଷା କରିବାରେ ଦିଲୀପ ନିର୍ମଲକର, ରମାକାନ୍ତ ଠାକୁର, ଚନ୍ଦ୍ରକାନ୍ତ ଠାକୁର ପ୍ରମୁଖ ସହଯୋଗ କରିଥିଲେ। ହେଲେ ଚଳିତ ନିର୍ବାଚନରେ ଦୃଶ୍ୟପଟ ଟିକିଏ ଅଲଗା। ବର୍ତ୍ତମାନ ପୂର୍ବଦିନର ବନ୍ଧୁମାନେ ପରସ୍ପର ସମ୍ମୁଖରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅନ୍ୟପଟେ ରାଜନୀତିକୁ ନୂତନ ଭାବେ ଓହ୍ଲାଇଥିବା ଗୋଡଫୁଲା ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ରାଧେଶ୍ୟାମ ବାଗ ନିକଟରେ ବିଜେଡିରେ ଯୋଗଦେବା ସହ ନିର୍ବାଚନି ମଇଦାନରେ ୩ ପୁରୁଣା ବନ୍ଧୁଙ୍କୁ କଡାଟକ୍କର ଦେବାକୁ ପ୍ରସ୍ତୁତ ଥିବା ରାଜନୈତିକ ବିଶେଷଜ୍ଞ ସୂତ୍ରରୁ ଜଣାପଡିଛି। ସେହିପରି ନୂଆପଡା ବ୍ଲକର ପ୍ରାଣକେନ୍ଦ୍ର କୁହାଯାଉଥିବା ବେଲଟୁକୁରି ପଞ୍ଚାୟତରେ ସମିତି ସଭ୍ୟ ପ୍ରାର୍ଥୀ ଗଲୁ ଚନ୍ଦ୍ରକାର ମଧ୍ୟ ଏହି ଦୌଡରେ ଅଛନ୍ତି। ଯାହାଙ୍କ ଉପସ୍ଥିତି ହିଁ ଚର୍ଚ୍ଚାକୁ ଖୋରାକ ଯୋଗଉଛି। ତେବେ ନୂଆପଡା ବ୍ଲକ ରାଜନୀତି ଚାଣକ୍ୟ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ଭୂମିକାକୁ ମଧ୍ୟ ନଜରାନ୍ଦଜ କରି ହେବନାହିଁ। ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷ ପଦକୁ ଆଲୋଚନାକୁ ନେଲେ ଏହି ବ୍ଲକରେ ଘାସିରାମ ମାଝିଙ୍କ ସମର୍ଥିତ ହିଁ ବ୍ଲକ ଅଧ୍ୟକ୍ଷ ହୋଇ ପାରିଛନ୍ତି। ତେଣୁ ଚଳିତ ନିର୍ବାଚନରେ ମଧ୍ୟ ମାଝିଙ୍କ ଭୂମିକାକୁ ଆଡେଇ ଦେଇହେବନାହିଁ। ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ମଧ୍ୟ ଚଳିତ ନିର୍ବାଚନରେ ବ୍ଲକ ଅଧ୍ୟକ୍ଷ ପଦକୁ ନେଇ ଗମ୍ଭୀରତାର ସହ ଗୋଟିଚଳାନା କରୁଥିବା ସୂଚନା ମିଳିଛି। କିଏ ଅଧ୍ୟକ୍ଷ ପଦ ହାତେଇ ପାରୁଛି ଆଗାମୀ ସମୟରେ ଜଣାପଡିବ।


ତାରେଶ୍ୱରୀ ସାହୁ


ଦିଲୀପ ନିର୍ମଲକର


ରାଧେଶ୍ୟାମ ବାଗ


ରମାକାନ୍ତ ଠାକୁର